# ଘୋଷଣାରେ ସୀମିତ ରାୟଗଡ଼ା ରେଳ ଡିଭିଜନ

ରାୟଗଡ଼ା,୨୫।୭ (ଆଶିଷ ରଞ୍ଜନ ପଣ୍ଡା)




ରାୟଗଡ଼ାରେ ରେଳ ଡିଭିଜନ ନିର୍ମାଣ ନେଇ ୨୦୧୯ରେ ବଜେଟ ଉପସ୍ଥାପନ ସମୟରେ ତତ୍କାଳୀନ ରେଳମନ୍ତ୍ରୀ ପୀୟୁଷ ଗୋୟଲ ଘୋଷଣା କରିଥିଲେ। ୨ବର୍ଷ ମଧ୍ୟରେ ନିର୍ମାଣ ଶେଷ ହୋଇ ୨୦୨୨ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରତିଷ୍ଠା ହେବାର କାର୍ଯ୍ୟକ୍ରମ ରହିଥିଲା। ହେଲେ ଘୋଷଣା ହେବାର ୫ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଆଗକୁ ବଢ଼ିନାହିଁ। ଫଳରେ ରାୟଗଡ଼ାକୁ ଏକ ରେଳ ଡିଭିଜନ ଭାବେ ଲୋକେ ଦେଖିଥିବା ସ୍ୱପ୍ନ କେବଳ ସ୍ୱପ୍ନରେ ରହିଯାଇଥିବା ଆଲୋଚନା ହେଉଛି। ରେଳ ଡିଭିଜନ ପାଇଁ କେନ୍ଦ୍ର ରେଳ ମନ୍ତ୍ରଣାଳୟ ପକ୍ଷରୁ ଆବଶ୍ୟକ ଅନୁଦାନ ପ୍ରଦାନ କରାଯାଇ ନ ଥିବା ଏବଂ ଡିପିଆର୍ ପ୍ରସ୍ତୁତ ହୋଇ ନ ଥିବା ଯୋଗୁ ନିର୍ମାଣ ବିଳମ୍ବ ହେଉଥିବା ଜଣାପଡ଼ିଛି। ଏଭଳିକି ରାୟଗଡ଼ାରେ ରେଳ ଡିଭିଜନ ନିର୍ମାଣ ନେଇ ଚଳିତ ବଜେଟରେ ଟଙ୍କାଟିଏ ମଧ୍ୟ ଅନୁଦାନ ପ୍ରଦାନ ହୋଇନାହିଁ। ରାୟଗଡ଼ାରେ ରେଳ ଡିଭିଜନ ନିର୍ମାଣ କରାଇ ନ ଦେବା ପଛରେ ପଡୋଶୀ ଆନ୍ଧ୍ରପ୍ରଦେଶର ଚକ୍ରାନ୍ତ ରହିଥିବା ବିରୋଧୀ ଦଳର ନେତାମାନେ ଅଭିଯୋଗ କରିଛନ୍ତି। ଖୋଦ ରେଳମନ୍ତ୍ରୀ ଓଡ଼ିଶାରୁ ରାଜ୍ୟ ସଭାକୁ ଯାଇ ମନ୍ତ୍ରୀ ହୋଇଥିବା ବେଳେ ଓଡ଼ିଶାର ଏହି ରେଳ ଡିଭିଜନ ଘୋଷଣାର ୫ ବର୍ଷ ବିତିଯାଇଥିବା ଲୋକଙ୍କ ମନରେ ଆଘାତ ଦେଇଛି। ୨୦୨୧ ଅଗଷ୍ଟ ୨୦ରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ରେଳୱେ ଜୁମ୍ବୋ ଟିମ୍ ରାୟଗଡା ଗସ୍ତରେ ଆସିଥିବା ବେଳେ ବିଶାଖାପାଟଣାଠାରେ ଦକ୍ଷିଣତଟ ଜୋନ ଏବଂ ରାୟଗଡା ରେଳ ଡିଭିଜନ ଖୁବ୍‌ଶୀଘ୍ର ନିର୍ମାଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ସେହି ପ୍ରତିଶ୍ରୁତି କେବଳ ପାଣିର ଗାର ଭଳି ହୋଇଯାଇଛି।

ପ୍ରକାଶ ଥାଉକି, ରାୟଗଡା ରେଳ ଡିଭିଜନ ନିମନ୍ତେ ୩୮୦ କୋଟି ଟଙ୍କା ଖର୍ଚ୍ଚ ନେଇ ଏକ ତାଲିକା ରେଳ ବିଭାଗ ପ୍ରସ୍ତୁତ କରିଥିଲା। ୨୦୨୦ ବଜେଟରେ

- ଚଳିତ ବଜେଟରେ ମିଳିଲାନି ଅନୁଦାନ
- ପଡ଼ୋଶୀ ଆନ୍ଧ୍ରପ୍ରଦେଶର ଚକ୍ରାନ୍ତ: ବିରୋଧୀ ଦଳ

୧୭୦ କୋଟି ଟଙ୍କା ପ୍ରଦାନ ନେଇ ବିଚାରକରାଯାଇଥିଲା। ହେଲେ ଏଥିପାଇଁ ନିଯୁକ୍ତ ନୋଡାଲ ଅଧିକାରୀ ସବୁଜ ସଙ୍କେତ ପ୍ରଦାନ ନ କରିବାରୁ ତାହା ହେଲାନାହିଁ। ଫଳରେ ୨୦୨୦ ମସିହାରେ ଟଙ୍କାଟିଏ ମଧ୍ୟ ରେଳ ଡିଭିଜନ ପାଇଁ ଖର୍ଚ୍ଚ ହୋଇନାହିଁ। ଅପରପକ୍ଷରେ ୨୦୨୨ ବଜେଟରେ ମାତ୍ର ୩ କୋଟି ଟଙ୍କା ପ୍ରଦାନ ହୋଇଥିଲା। ଆଉ ତା'ପରଠାରୁ ଟଙ୍କାଟିଏ ମଧ୍ୟ ଅନୁଦାନ ମିଳିନାହିଁ। ସେପଟେ ରେଳୱେ ଡିଭିଜନର ମୁଖ୍ୟ ଡିଆର୍‌ଏମ୍ କାର୍ଯ୍ୟାଳୟ ପାଇଁ ସ୍ଥାନ ଚିହ୍ନଟ ଶେଷ ହୋଇଛି। ସେହିପରି ଅତିରିକ୍ତ ଡିଆର୍‌ଏମ୍, ମୁଖ୍ୟଯନ୍ତ୍ରୀ କାର୍ଯ୍ୟାଳୟ, ମୁଖ୍ୟ ଅପରେଶନ କାର୍ଯ୍ୟାଳୟ, ମୁଖ୍ୟ ସିଗ୍‌ନାଲ କାର୍ଯ୍ୟାଳୟ, ମୁଖ୍ୟ ଲୋକ ସମ୍ପର୍କ କାର୍ଯ୍ୟାଳୟ ସମେତ ଜମି ବନ୍ଦୋବସ୍ତ କାର୍ଯ୍ୟାଳୟ ସ୍ଥାପନା ହେବ। ଏଥିପାଇଁ ପ୍ରାୟ ୫୦୦ ଏକରରୁ ଅଧିକ ଜମି ଆବଶ୍ୟକତା ରହିଛି। ରାୟଗଡାରେ ରେଳୱେ ପାଖରେ ହଜାର ହଜାର ଏକର ଜମି ରହିଛି। ତେବେ କେଉଁ କାରଣରୁ ନିର୍ମାଣରେ ବିଳମ୍ବ ହେଉଛି ତାକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ନେଇ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀଙ୍କୁ ପଚାରିବାରୁ ରେଳ ଡିଭିଜନ କାମ କାହିଁକି ବିଳମ୍ବ ହେଉଛି ସେ ସମ୍ପର୍କରେ ରେଳମନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି। ଅନ୍ୟପଟେ ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଦୁର୍ଗାପ୍ରସାଦ ପଣ୍ଡା କହିଛନ୍ତି, ନିର୍ବାଚନ ବୈତରଣୀ ପାରହେବା ପାଇଁ ଭାଜପାର ଏହା ଏକ ଯୋଜନା ଥିଲା। ୨୦୧୯ରେ କେନ୍ଦ୍ରରେ ସରକାର ଗଠନ ପରେ ମଧ୍ୟ କିଛି ହେଲା ନାହିଁ। ତେଣୁ ୨୦୨୪ ନିର୍ବାଚନରେ କୋରାପୁଟ ଲୋକ ସଭା ଆସନ ସମେତ ଜିଲାର ୩ ବିଧାନସଭା ଆସନରେ ଲୋକେ ଭାଜପାକୁ ପ୍ରତ୍ୟାଖ୍ୟାନ କରିଛନ୍ତି ବୋଲି ପଣ୍ଡା କହିଛନ୍ତି। ଯଦି ଆଗାମୀ ଦିନରେ ରେଳ ଡିଭିଜନ ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ ନ ହୁଏ ତେବେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି କହିଛନ୍ତି ଦୁର୍ଗାପ୍ରସାଦ।

## ସୁନାଚେନ୍ ଛିନ୍ତାଇ ମାମଲାରେ ଜଣେ ଗିରଫ



ପୋଲିସ ଦୁର୍ବୃତ୍ତଙ୍କଠାରୁ ଜବତ ଟଙ୍କା କେଶବ ପାଢ଼ୀଙ୍କୁ ହସ୍ତାନ୍ତର କରୁଛି।

ରାୟଗଡ଼ା,୨୫।୭(ଆଶିଷ ରଞ୍ଜନ ପଣ୍ଡା)

ସୁନାଚେନ୍ ଛିନତାଇ ମାମଲାରେ ଚାନ୍ଦିଲି ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ରାୟଗଡା ସହର ଉପକଣ୍ଠ ସାଇପ୍ରିୟା ନଗରର କେ.ସୁମନ(୩୨)। ତାଙ୍କଠାରୁ ପୋଲିସ ୧ଲକ୍ଷ ୪୦ ହଜାର ଟଙ୍କା ଜବତ କରିଛି। ଏନେଇ ରାୟଗଡା ଏସ୍‌ଡିପିଓ ରଶ୍ମିରଞ୍ଜନ ସେନାପତି ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଚୋରି କରିଥିବା ସୁନାଚେନ୍‌କୁ ସୁମନ ବିକ୍ରିକରି ଟଙ୍କା ଆଣିଥିବାରୁ ଉକ୍ତ ଟଙ୍କା ଚେନ୍ ଚୋରି ହୋଇଥିବା ବ୍ୟକ୍ତିଙ୍କୁ ଏସ୍‌ଡିପିଓ ସେନାପତି ହସ୍ତାନ୍ତର କରିଛନ୍ତି। ଘଟଣାରୁ ପ୍ରକାଶ, ଗତ ମେ ୬ ତାରିଖ ମଧ୍ୟାହ୍ନ ପ୍ରାୟ ୧୨ଟା ୩୦ରେ କେଶବ ଚନ୍ଦ୍ର ପାଢ଼ୀ କାମ ସାରି ସାଇପ୍ରିୟା ନଗରସ୍ଥିତ ନିଜ ଘରକୁ ଫେରିବା ସମୟରେ ସୁମନ ତାଙ୍କ ବେକରୁ ଚେନ୍ ଟାଣି ନେଇଥିଲେ। ତେବେ ଚେନ୍ ଟାଣିବା ସମୟରେ କେଶବ ଚେନ୍‌କୁ ଭିଡି ଧରିବାରୁ ତାହାର କିଛି ଅଂଶ ତାଙ୍କ ହାତରେ ରହିଯାଇଥିଲା। ହେଲେ ଚେନ୍ ଛିଡ଼ିଯାଇ ବଳକାତକ ସୁମନଙ୍କ ହାତରେ ରହିଯାଇଥିଲା। ଛିଡ଼ିଥିବା ଚେନ୍ ଧରି ସେ ଫେରାର ହୋଇଯାଇଥିଲେ। ଏନେଇ କେଶବ ଚାନ୍ଦିଲି ଥାନାରେ ଏତଲା ଦେବା ପରେ ପୋଲିସ କେସ୍ ନଂ. ୧୨୬ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଆଇଆଇସି ପ୍ରସନ୍ନ କୁମାର ବେହେରାଙ୍କ ନେତୃତ୍ୱରେ ଏସ୍‌ଆଇ ଆଶୁତୋଷ ସାହୁ ଏବଂ ପୋଲିସ ଟିମ୍ ଘଟଣାର ତଦନ୍ତକରି ସୁମନଙ୍କୁ ଗିରଫ କରିଥିଲେ।

## ଜିଆଇଇଟିରେ ଖୋଲିଲା ହୋଟେଲ ମ୍ୟାନେଜମେଣ୍ଟ କୋର୍ସ

ଗୁଣୁପୁର, ୨୫।୭ (ପ୍ରଦୀପ କୁମାର ପାଢ଼ୀ)



ରାୟଗଡ଼ା ଜିଲା ଗୁଣୁପୁରସ୍ଥିତ ଜିଆଇଇଟି ବିଶ୍ୱବିଦ୍ୟାଳୟ ଚଳିତ ୨୦୨୪-୨୫ ଶିକ୍ଷାଦାନ ବର୍ଷରେ ହୋଟେଲ ମ୍ୟାନେଜମେଣ୍ଟ ପାଠ୍ୟକ୍ରମ ଖୋଲିଛି। ଏହି ଅଞ୍ଚଳରେ ହୋଟେଲ ମ୍ୟାନେଜମେଣ୍ଟ ପାଠ୍ୟକ୍ରମ ନ ଥିବା ଯୋଗୁ ବିଦ୍ୟାର୍ଥୀଙ୍କୁ ଶିକ୍ଷା ଗ୍ରହଣ ନିମନ୍ତେ ଦୂରକୁ ଯିବା ପାଇଁ ପଡୁଥିଲା। ବର୍ତ୍ତମାନ ଏହି ପାଠ୍ୟକ୍ରମ ଖୋଲିବା ଦ୍ୱାରା ଇଚ୍ଛୁକ ବିଦ୍ୟାର୍ଥୀମାନେ ଏଠାରେ ଶିକ୍ଷା ଗ୍ରହଣ କରିବାର ସୁଯୋଗ ପାଇବେ। ଏହି ଶିକ୍ଷା ଗ୍ରହଣ ପରେ ଛାତ୍ରୀଛାତ୍ର ଅନ୍ତର୍ଜାତୀୟ ହୋଟେଲ, ତାରକା ହୋଟେଲ, ରିସୋର୍ଟ, ବିମାନସେବା ଏବଂ ଇଭେଣ୍ଟ ମ୍ୟାନେଜମେଣ୍ଟ, ସରକାରୀ ଏବଂ ବେସରକାରୀ ଗେଷ୍ଟ ହାଉସ ଇତ୍ୟାଦିରେ ଚାକିରି ସୁବିଧା ପାଇପାରିବେ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ୧୯୯୭ରେ ପ୍ରତିଷ୍ଠିତ ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଇଞ୍ଜିନିୟରିଂ, ମ୍ୟାନେଜମେଣ୍ଟ, ଏଗ୍ରିକଲଚର, ଏମ୍‌ସିଏ, ଏମ୍‌ଏସ୍‌ସି ଓ ନର୍ସିଂ ଶିକ୍ଷାଦାନ ଚାଲିଥିବାବେଳେ ବର୍ତ୍ତମାନ ହୋଟେଲ ମ୍ୟାନେଜମେଣ୍ଟ ପାଠ୍ୟକ୍ରମ ଖୋଲିଛି। ଏହି ପାଠ୍ୟକ୍ରମ ଖୋଲିବା ଜାଣି ବୁଦ୍ଧିଜୀବୀ ଓ ଅଭିଭାବକଙ୍କ ମହଲରେ ଖୁସିର ବାତାବରଣ ସୃଷ୍ଟି ହୋଇଛି।

## ଚନ୍ଦ୍ରପୁରରେ ଉନ୍ନୟନ କାର୍ଯ୍ୟ ବୁଲି ଦେଖିଲେ ଜିଲାପାଳ

ଚନ୍ଦ୍ରପୁର, ୨୫।୭ (ବିଜୟ ପ୍ରସାଦ ଉଲାକା)



ଜିଲାପାଳ ଅନ୍ୟ ଅଧିକାରୀଙ୍କ ସହ ମିଶି ଚାରାରୋପଣ କରୁଛନ୍ତି।

ରାୟଗଡ଼ା ଜିଲାପାଳ ମନୋଜ ସତ୍ୟୱାନ ମହାଜନ ଗୁରୁବାର ଚନ୍ଦ୍ରପୁର ବ୍ଲକ୍ ଗସ୍ତକରି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ବୁଲି ଦେଖିଛନ୍ତି। ଜିଲାପାଳ ପ୍ରଥମେ ବିଜେପୁର ପଞ୍ଚାୟତ ସଦର ମହକୁମାକୁ ଯାଇ ଓଡ଼ିଶା ଜୀବିକା ମିଶନ ତରଫରୁ ଏସ୍‌ଏଚ୍‌ଜି ମହିଳାଙ୍କ ଦ୍ୱାରା କରାଯାଉଥିବା ମହୁଚାଷ, କୁକୁଡ଼ା ଚାଷ, ସମ୍ପର୍କରେ ପଚାରି ବୁଝିଥିଲେ। ପରେ ମହିଳାମାନଙ୍କ ସହ ମିଶି ଚାରାରୋପଣ କରିଥିଲେ। ସେହିପରି ବିଜେପୁରର ନିର୍ମାଣାଧୀନ କାମଗୁଡିକୁ ବୁଲି ଦେଖିଥିଲେ। ଏହାପରେ ଚନ୍ଦ୍ରପୁର ଯାଇ ନିକଟସ୍ଥ ପଙ୍ଗା ଗ୍ରାମରେ ନୂତନ ରୂପେ ନିର୍ମାଣାଧୀନ ଡିଗ୍ରୀ କଲେଜର ନୂତନ ଘର କାମ କିପରି ଚାଲିଛି ବୁଲି ଦେଖିଥିଲେ। ଏଥିସହ ପିସକାପଙ୍ଗା ପଞ୍ଚାୟତ ଅଧୀନ ଘୁଗୁପଦର ଗ୍ରାମ ନିକଟରେ କରାଯାଉଥିବା ଉଦ୍ୟାନ କୃଷି ବିଭାଗର କଦଳୀ ଚାଷ କିପରି ଚାଲିଛି ତଦାରଖ କରିଥିଲେ। ଜିଲାପାଳଙ୍କ ସହ ଚନ୍ଦ୍ରପୁର ବିଡିଓ ଅକ୍ଷୟ କୁମାର ମଲିକ, ନିର୍ବାହୀଯନ୍ତ୍ରୀ ବିଶ୍ୱଜିତ ମିଶ୍ର, କନିଷ୍ଠ ଯନ୍ତ୍ରୀ ବିକାଶ ମହାପାତ୍ର, ଜୀବିକା ମିଶନର ବିପିଏମ୍ ଶ୍ରବନ ସିଂ, ଉଦ୍ୟାନ କୃଷି ଅଧିକାରୀ ପ୍ରତିକ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

## ତାଣ୍ଡିପୁରରେ ଗୋ-ବନ୍ଧ୍ୟା ନିରାକରଣ ଶିବିର

ରାୟଗଡ଼ା, ୨୫।୭ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ବ୍ଲକ୍ ଦୁଦୁଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ତାଣ୍ଡିପୁର ଗ୍ରାମରେ ଗୋ-ବନ୍ଧ୍ୟା ନିରାକରଣ ଶିବିର ଓ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଟକସ୍ଥିତ ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ଡାକ୍ତର ମିହିର କୁମାର ନାୟକ, ଅତିରିକ୍ତ ନିର୍ଦ୍ଦେଶକ (କୁକ୍କୁଟ ଉନ୍ନୟନ) ଯୋଗଦେଇ ଚାଷୀଙ୍କୁ ଲିଙ୍ଗ ନିରୂପିତ ଶୁକ୍ର ମାଧ୍ୟମରେ କୃତ୍ରିମ ପ୍ରଜନନ କରାଇ ଲାଭବାନ୍ ହେବାର ପନ୍ଥା ସମ୍ବନ୍ଧରେ ତାଲିମ ପ୍ରଦାନ କରିଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଦେବରାଜ ନାୟକ ଉନ୍ନତ ଗୋପାଳନ ଦ୍ୱାରା ଚାଷୀମାନେ କିଭଳି ଲାଭାନ୍ୱିତ ହୋଇପାରିବେ ସେ ସମ୍ପର୍କରେ ସଚେତନ କରିଥିଲେ। ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ (ପ୍ରାଣୀଧନ ଉତ୍ପାଦନ) ଡାକ୍ତର ପ୍ରବୀର କୁମାର ମହାପାତ୍ର ସୁଷମ ଖାଦ୍ୟ, ମିନେରାଲ ମିକ୍ସଚର ବ୍ୟବହାର ଦ୍ୱାରା ଗୋ-ବନ୍ଧ୍ୟାକୁ ଏଡାଇ ଦିଆଯାଇପାରିବ ବୋଲି କହିଥିଲେ। କର୍ମଶାଳାରେ କୋଲନରା ଭାରପ୍ରାପ୍ତ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସୁଶୀଲ କୁମାର ସେଠୀଙ୍କ ପ୍ରଚେଷ୍ଟାରେ ମାରୁତି କଳା ପରିଷଦ ଦ୍ୱାରା ଉନ୍ନତ ଗୋପାଳନ ସମ୍ବନ୍ଧୀୟ ନାଟ୍ୟ ପରିବେଷଣ କରାଯାଇଥିଲା। ଶେଷରେ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଅଶୋକ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଗଛ ଭାଙ୍ଗି ରାସ୍ତା ଅବରୋଧ

ଟିକିରି,୨୫।୭ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍‌ରେ ଗତ କିଛିଦିନ ହେବ ଝଡି ବର୍ଷା ଲାଗି ରହିଛି। ଫଳରେ ମଙ୍ଗଳବାର ରାତିରେ ଗୋରଖପୁର ନିକଟରେ ଏକ ଗଛ ଭାଙ୍ଗି ରାସ୍ତା ମଝିରେ ପଡ଼ି ରହିଥିବାରୁ ରାସ୍ତା ଅବରୋଧ ହୋଇଥିଲା। ଫଳରେ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପ୍ରଶାସନ ପକ୍ଷରୁ ଜରୁରିକାଳୀନ ପରିସ୍ଥିତିରେ ଦମକଳ ବାହିନୀ ପହଞ୍ଚି ବୁଧବାର ସମ୍ପୂର୍ଣ୍ଣ ଗଛ କଟାଯିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

## ଯୋଗଗୁରୁ ରାଜେଶ ଭାଇଙ୍କୁ ବିଦ୍ୟା ବାଚସ୍ପତି ଉପାଧି

ମୁନିଗୁଡ଼ା,୨୫।୭ (ନନ୍ଦ କିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲା ମୁନିଗୁଡ଼ା ଅଞ୍ଚଳର ଯୋଗଗୁରୁ ରାଜେଶ କୁମାର ଦଳେଇ ଓରଫ୍ ରାଜେଶ ଭାଇ ସର୍ବଭାରତୀୟସ୍ତରରେ ଓଡ଼ିଶା ପାଇଁ ସୁନାମ ଆଣିଛନ୍ତି। ଯୋଗ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ବିଦ୍ୟା ବାଚସ୍ପତି ଉପାଧିରେ ସମ୍ମାନିତ କରାଯାଇଛି। ମଥୁରାସ୍ଥିତ ପଣ୍ଡିତ ଦିନ୍‌ଦୟାଲ ଉପାଧ୍ୟାୟ ହିନ୍ଦୀ ବିଦ୍ୟାପୀଠ ଦ୍ୱାରା ନୂଆ ଦିଲ୍ଲୀସ୍ଥିତ କନ୍‌ଷ୍ଟିଚ୍ୟୁଏନ୍ସି କ୍ଲବ୍‌ରେ ବୁଧବାର ଆୟୋଜିତ ଭବ୍ୟ ସମ୍ମାନ ସମାରୋହ କାର୍ଯ୍ୟକ୍ରମରେ ରାଜେଶଙ୍କୁ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ରାଜ୍ୟର ୬୦ଜଣ ବ୍ୟକ୍ତିଙ୍କୁ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ସମାରୋହର ଦିନ୍‌ଦୟାଲ ଉପାଧ୍ୟାୟ ହିନ୍ଦୀ ବିଦ୍ୟାପୀଠ କୁଳପତି ଡ. ଇନ୍ଦୁଭୂଷଣ ମିଶ୍ର, ଝାନ୍ସୀ କୃଷି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପଦ୍ମଶ୍ରୀ ଡା. ଅରବିନ୍ଦ କୁମାରଜୀ, ମୁଖ୍ୟବକ୍ତା ଭାବେ ଜାତୀୟ ପ୍ରବଚନ କର୍ତ୍ତା ଦୀପା ମିଶ୍ରା, ଡ. ସ୍ୱର୍ଣ୍ଣଲତା ପାଞ୍ଚାଲ ପ୍ରମୁଖ ଉପସ୍ଥିତ ରହି ସମସ୍ତଙ୍କୁ ପ୍ରମାଣପତ୍ର, ପଦକ, ଟ୍ରଫି ସହ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ। ଏହି ସମ୍ମାନ ପାଇବା ପରେ ରାଜେଶ ଭାଇଙ୍କୁ ରାୟଗଡ଼ା ଜିଲାର ବିଭିନ୍ନ ସଂଘ ପରିବାର, ମୁନିଗୁଡାର ଯୋଗ ପ୍ରସାରପ୍ରଚାର ସମିତି, ମୁନିଗୁଡ଼ା ଓ ଚନ୍ଦ୍ରପୁର ପ୍ରେସ୍ କ୍ଲବ, ସାହିତ୍ୟ ସଂସଦ, ମୁନିଗୁଡ଼ା ଓ ହନୁମନ୍ତପୁର ବଜରଙ୍ଗ ଦଳ ତରଫରୁ ଶୁଭେଚ୍ଛା ଜଣାଇଛନ୍ତି।



ନୂଆଦିଲ୍ଲୀରେ ଆୟୋଜିତ କାର୍ଯ୍ୟକ୍ରମରେ ମୁନିଗୁଡ଼ାର ଯୋଗଗୁରୁ ରାଜେଶଙ୍କୁ ସମ୍ମାନିତ କରାଯାଉଛି।

## ସମନ୍ୱିତ କୃଷି ପାଇଁ ଚାଷୀଙ୍କୁ ବିହନ ବଣ୍ଟନ



ଚାଷୀଙ୍କୁ ବିହନ ବଣ୍ଟନ କରାଯାଉଛି।

ଚନ୍ଦ୍ରପୁର,୨୫।୭(ବିଜୟ ପ୍ରସାଦ ଉଲାକା)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍‌ର ଚାଷୀଙ୍କୁ ସମନ୍ୱିତ କୃଷି ନିମନ୍ତେ ପ୍ରୋତ୍ସାହନ ପାଇଁ ପ୍ରଭାତ ଏନ୍‌ଜିଓ ତରଫରୁ ଗୁରୁବାର ଚାଷୀଙ୍କୁ ଚିନାବାଦାମ, ମକା, କାନ୍ଦୁଲ ବିହନ ବଣ୍ଟନ କରାଯାଇଛି। ଏହି ଅବସରରେ ଚାଷୀଙ୍କୁ ଚାଷ ବିବିଧକରଣ ପାଇଁ ବିଭିନ୍ନ ପ୍ରକାର ଉପାୟ ଯଥା ଗଛକୁ ଗଛ ବ୍ୟବଧାନ, ଧାଡିକୁ ଧାଡି କରି ସିଧା ଲଗେଇବା ନେଇ ଚାଷୀଙ୍କୁ ସଚେତନ କରାଯାଇଥିଲା। ଏଥିରେ ଡାଙ୍ଗସୋରଡ଼ା ପଞ୍ଚାୟତ ଅଧୀନ ଗୋଇଗୁଡ଼ା, କରୁମାଜୋଡି, ରୟାଲ ଘାଟି, ଟୁରିଗୁଡା ପଞ୍ଚାୟତର କରଲାକଣା, ବାଙ୍ଗାରଡା, ଢେଲାପଡା, ହନୁମନ୍ତପୁର ପଞ୍ଚାୟତର ପଙ୍କାଲଗୁଡ଼ି କାଳରମା, ପିସ୍କାପଙ୍ଗା ପଞ୍ଚାୟତର କୁରୁକୁଟି ପ୍ରଭୃତି ଗ୍ରାମର ଚାଷୀଙ୍କୁ ମାଗଣାରେ ବିହନ ବଣ୍ଟନ କରାଯାଇଥିଲା। ମୋଟ ୬୬ଜଣ ଚାଷୀଙ୍କୁ ବିହନ ଯୋଗାଇ ଦିଆଯାଇଥିଲା। ଅବଶିଷ୍ଟ ଅନ୍ୟ ୫ଟି ପଞ୍ଚାୟତରେ ଶୁକ୍ରବାର ୬୪୧ ଜଣ ଚାଷୀଙ୍କୁ ୪୫୦ ହେକ୍ଟର ଜମିରେ ଚାଷ କରିବା ନିମନ୍ତେ ବିହନ ଯୋଗାଇ ଦିଆଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ପ୍ରଭାତ ଏନ୍‌ଜିଓର ସିଇଓ ପ୍ରକାଶ ଦାସ କହିଛନ୍ତି। ବିହନ ନେଇ ଖୁବ୍‌ଶୀଘ୍ର ଚାଷ ଆରମ୍ଭ କରିବୁ ବୋଲି ଅଗ୍ରଣୀ ଚାଷୀ ଶବର ଦିବାକ, ହରି ମୁଣ୍ଡିକା, ରାମଚନ୍ଦ୍ର ବ୍ରେଡକା, ଭୀମ ଗୋଗେରେଙ୍ଗା, ସନ୍ନ୍ୟାସୀ ବ୍ରେଡେକା, ମୋହେନ୍ଦ୍ର ଦିବାକା, ମମତା ବିଡ଼ିକା ପ୍ରମୁଖ କହିଛନ୍ତି।

**कार्यपालक अभियंता का कार्यालय**
**राष्ट्रीय उच्च पथ प्रमंडल, पथ निर्माण विभाग, देवघर, झारखण्ड**
**सर्कुलर रोड, नियर उपायुक्त आवास, देवघर, झारखण्ड (814112)**

**सूचना / शुद्धि पत्र**

इस कार्यालय द्वारा आमंत्रित अति अल्पकालीन ई–निविदा प्रसंग सं0–NH/Deoghar/JHR/F2/03[PR NO. 330253 Deoghar(24-25):D] दिनांक 20.07.2024 के ऑन लाइन निविदा के लिए वेबसाईट https://jharkhandtenders.gov.in **के स्थान पर https://eprocure.gov.in/ eprocure/app** पढ़ा जाय।

शेष शर्त्तें यथावत रहेंगी।

ह0/–
कार्यपालक अभियंता
रा0 उ0 पथ प्रमंडल, देवघर।

PR 330755 (Deoghar) 24-25 (D)

**कार्यपालक अभियंता का कार्यालय**
**राष्ट्रीय उच्च पथ प्रमंडल, पथ निर्माण विभाग, देवघर, झारखण्ड**
**सर्कुलर रोड,नियर उपायुक्त आवास,देवघर,झारखण्ड (814112)**

**सूचना / शुद्धि पत्र**

इस कार्यालय द्वारा आमंत्रित अति अल्पकालीन ई–निविदा प्रसंग सं0–NH/Deoghar/ JHR/F2/06 [PR 330246(Deoghar)24-25(D)], दिनांक 20.07.2024 के ऑन लाइन निविदा के लिए वेबसाईट https://jharkhandtenders.gov.in के स्थान पर पढ़ा जाय।

शेष शर्त्तें यथावत रहेंगी।

ह0/–
कार्यपालक अभियंता
रा0 उ0 पथ प्रमंडल,देवघर

**PR 330758 Deoghar(24-25).D**

## ଆନ୍ତଃ ରାଜ୍ୟ ଲୁଟେରା ଗିରଫ, ଚୋରି ରୁପା ଜବତ

ରାୟଗଡ଼ା,୨୫।୭(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରର ନ୍ୟୁ କଲୋନିସ୍ଥିତ ସତ୍ୟସାଇ ମନ୍ଦିରରୁ ଚୋରି ମାମଲାରେ ରାୟଗଡ଼ା ପୋଲିସ ଜଣେ ଆନ୍ତଃ ରାଜ୍ୟ ଲୁଟେରାଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ନୟାଗଡ଼ ଜିଲା ଇଟାମାଟି ଥାନା ଅଧୀନ ନାଗପୁର ଗ୍ରାମର ଘନଶ୍ୟାମ ଦାସ। ତେବେ କୋରାପୁଟ ଜିଲାରେ ହୋଇଥିବା ଅନ୍ୟ ଚୋରି ମାମଲାରେ ଘନଶ୍ୟାମ ଜଡିତ ଥିବାରୁ କୋରାପୁଟ ପୋଲିସ ଦ୍ୱାରା ଗିରଫ କରାଯାଇଥିଲା। ପରେ ରାୟଗଡା ପୋଲିସ ତଦନ୍ତ ଆଧାରରେ ମିଳିଥିବା ପ୍ରମାଣକୁ ଭିତ୍ତିକରି ଘନଶ୍ୟାମଙ୍କୁ ରାୟଗଡା କୋର୍ଟରେ ହାଜର କରି ରିମାଣ୍ଡରେ ନେଇ ପଚରାଉଚୁରା ଆରମ୍ଭ କରିଥିଲା। ପଚରାଉଚୁରା ବେଳେ ଘନଶ୍ୟାମ ସତ୍ୟସାଇ ମନ୍ଦିରରୁ ଚୋରି କରିଥିବା ସ୍ୱୀକାର କରିଥିଲେ ବୋଲି ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରାୟଗଡ଼ା ଏସ୍‌ଡିପିଓ ରଶ୍ମିରଞ୍ଜନ ସେନାପତି ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କଠାରୁ ଜବତ ହୋଇଥିବା ରୂପା ରାୟଗଡା ପୋଲିସ ଉପସ୍ଥିତିରେ ସତ୍ୟ ସାଇ ମନ୍ଦିର କମିଟିକୁ ଗୁରୁବାର ହସ୍ତାନ୍ତର କରାଯାଇଛି।



ଏସ୍‌ଡିପିଓ ଓ ଆଇଆଇସି ରୁପା ଖଣ୍ଡଗୁଡିକ ସତ୍ୟସାଇ କମିଟିକୁ ହସ୍ତାନ୍ତର କରୁଛନ୍ତି।

ଘଟଣାରୁ ପ୍ରକାଶ ଯେ, ଗତ ଫେବୃଆରୀ ୧୨ରେ ସତ୍ୟସାଇ ମନ୍ଦିରରେ ରହିଥିବା ୪ରୁ ୫କେଜି ଓଜନର ଏକ ରୁପା ଫଟୋ ଫ୍ରେମ୍ ଚୋରି ହୋଇଥିଲା। ଏ ନେଇ ମନ୍ଦିର ଟ୍ରଷ୍ଟ ପକ୍ଷରୁ ରାୟଗଡା ଟାଉନ ଥାନାରେ ଏତଲା ଦିଆଯାଇଥିଲା। ରାୟଗଡା ଏସ୍‌ଡିପିଓ ସେନାପତି ଏବଂ ଟାଉନ ଥାନା ଆଇଆଇସି

**ସତ୍ୟସାଇ ମନ୍ଦିରରୁ ଚୋରି ମାମଲା**

କେକେବିକେ କହଁର ତଦନ୍ତ ବେଳେ ସୂଚନା ପାଇ ରାୟଗଡା ସମେତ, ମୁନିଗୁଡା, ଟିକିରି ଅଞ୍ଚଳରେ ଖୋଳତାଡ କରିବା ସହ ବ୍ରହ୍ମପୁର ଏବଂ ନୟାଗଡ ଜିଲାରେ ମଧ୍ୟ ତଦନ୍ତ କରିଥିଲେ। ନୟାଗଡ ଜିଲା ଇଟାମାଟି ଥାନାର ଘନଶ୍ୟାମ ଏହି ମାମଲାରେ ଜଡିତ ଥିବା ପୋଲସ ଜାଣିବାକୁ ପାଇଥିଲା। ଅନ୍ୟପଟେ ରାୟଗଡା ପୋଲିସର ତଦନ୍ତ ଆଧାରରେ ସୂଚନା ପାଇ କୋରାପୁଟ ଜିଲା ପୋଲିସ ଘନଶ୍ୟାମଙ୍କୁ ନୟାଗଡ ଜିଲାରୁ ଗିରଫ କରିଥିଲା। ଘନଶ୍ୟାମ ଓଡ଼ିଶା ସମେତ କେରଳ, କର୍ନାଟକ, ଆନ୍ଧ୍ରପ୍ରଦେଶ ଏବଂ ଗୋଆରେ ମଧ୍ୟ ଚୋରି କରିଥିବା ପୋଲିସ ତଦନ୍ତରୁ ଜଣାପଡିଛି। ରାୟଗଡା ପୋଲିସର ଏହି ତଦନ୍ତରେ ଚାନ୍ଦିଲି ଥାନା ଏସ୍‌ଆଇ ଆଶୁତୋଷ ସାହୁଙ୍କ ସମେତ କଲ୍ୟାଣସିଂହପୁର ଥାନା ଆଇଆଇସି, ରାୟଗଡା ସାଇବର ସେଲ୍ ଟିମ୍ ପ୍ରମୁଖ ସାମିଲ ଥିବା ନେଇ ଏସ୍‌ଡିପିଓ ସେନାପତି ସୂଚନା ଦେଇଛନ୍ତି।

**कार्यपालक अभियन्ता का कार्यालय,**
**ग्रामीण कार्य विभाग, कार्य प्रमण्डल, हजारीबाग**

**ई–अल्पकालीन निविदा आमंत्रण सूचना**

ई–निविदा सं0 :–04/2024-25/RWD/EE/HAZARIBAG — दिनांक :– 24.07.2024

कार्यपालक अभियंता, ग्रामीण कार्य विभाग, कार्य प्रमण्डल, हजारीबाग द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

1.कार्य की विवरणी :–

| क्र0 सं0 | आईडेन्टी फिकेशन संख्या / पैकेज संख्या | प्रखण्ड | कार्य का नाम | प्राक्कलित राशि (रुपया में) — अंक में | प्राक्कलित राशि (रुपया में) — अक्षर में | कार्य समाप्ति की अवधि |
|---|---|---|---|---|---|---|
| 1 | RWD/HAZ/STP KG/02/2024-25 | बरही | डी0ए0भी0 स्कूल से कारीमाटी तक पथ का सुदृढ़ीकरण कार्य (लं0–2.850 कि0मी0) | 12,74,69,050/- | बारह करोड़ चौहत्तर लाख उनहत्तर हजार पचास रुपये मात्र | 15 (पन्द्रह) माह |
| | | बरही | खोडाहर से केदारुत तक पथ का सुदृढ़ीकरण कार्य (लं0–5.100 कि0मी0) | | | |
| | | बरही | जी0टी0 रोड से पुरहारा तक पथ का सुदृढ़ीकरण कार्य (लं0–2.100 कि0मी0) | | | |
| | | बरही | डी0ए0भी0 स्कूल से पडीरमा तक पथ का सुदृढ़ीकरण कार्य (लं0–2.100 कि0मी0) | | | |
| | | बरही | तिलैया से कोल्हुआकला तक पथ का सुदृढ़ीकरण कार्य (लं0–6.150 कि0मी0) | | | |
| | | पदमा | केवला मोड से बरदेवा तक पथ का सुदृढ़ीकरण कार्य (लं0–2.750 कि0मी0) | | | |

2. वेबसाईट में निविदा प्रकाशन की तिथि :–01.08.2024
3. ई–निविदा प्राप्ति की अंतिम तिथि एवं समय :–10.08.2024 अपराह्न 5.00 बजे तक ।
4. निविदा खोलने की, तिथि, एवं समय–12.08.2024 पूर्वाह्न 11.30 बजे।
5. निविदा आमंत्रित करने वाले पदाधिकारी का पदनाम एवं पता :–कार्यपालक अभियंता, ग्रामीण कार्य विभाग, कार्य प्रमण्डल, हजारीबाग ।
6. ई–निविदा प्रकोष्ठ का दूरभाष सं0–06546–265286 ।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है ।

कार्यपालक अभियंता,
ग्रामीण कार्य विभाग,कार्य प्रमण्डल, हजारीबाग

**PR 330717 Rural Work Department(24-25).D**

# ଭୁଶୁଡ଼ିଲା ଶ୍ରମିକଙ୍କ ଘର: ବର୍ତ୍ତିଲେ ପରିବାରର ୪ ସଦସ୍ୟ

ମାଲକାନଗିରି,୨୫।୭ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସଦର ମହକୁମା କୁମ୍ଭାର ସାହି ୩ନଂ. ୱାର୍ଡର ଜଣଙ୍କ ଘର ଲଗାଣ ବର୍ଷାରେ ଭୁଶୁଡ଼ି ଯାଇଥିବା ଦେଖିବାକୁ ମିଳିଛି। କୁମ୍ଭାର ସାହିର ଦଳପତି ମୁଦୁଲିଙ୍କ ସ୍ତ୍ରୀ ଓ ଦୁଇଟି ସନ୍ତାନ ଏବଂ ସ୍ତ୍ରୀଙ୍କ ଭାଇ ସେଠାରେ ରହୁଥିଲେ। ତେବେ ଗତ ଏକ ସପ୍ତାହ ଧରି ଲଗାଣ ବର୍ଷା ଲାଗି ରହିଥିବା ବେଳେ ଗୁରୁବାର ସକାଳେ ହଠାତ୍ ଘରଟି ଭୁଶୁଡ଼ି ପଡ଼ିଥିଲା। ବହୁ କଷ୍ଟରେ ସାହି ଲୋକଙ୍କ ସହାୟତାରେ ଘର ଭିତରୁ ପରିବାରର ୪ ସଦସ୍ୟ ବାହାରକୁ ବାହାରିଥିବା ବେଳେ ତାଙ୍କ ସ୍ତ୍ରୀ ଓ ସ୍ତ୍ରୀଙ୍କ ଭାଇ ଆହତ ହୋଇଥିଲେ। ଏ ସମ୍ପର୍କରେ ମାଲକାନଗିରି ରାଜସ୍ୱ ନିରୀକ୍ଷକଙ୍କୁ ଖବର ଦେବାପରେ ସେ ପହଞ୍ଚି ଗୋଟିଏ ପଲିଥିନ୍ ଦେଇ ତାଙ୍କ କାର୍ଯ୍ୟ ସାରି ଦେଇଥିଲେ। ଥଇଥାନ ସମ୍ବନ୍ଧରେ ପଚାରିବାରୁ ଏହା ପୌର ପରିଷଦର କାର୍ଯ୍ୟ, ଆମର ନୁହେଁ ବୋଲି କହିଥିଲେ।


ଭୁଶୁଡି ପଡିଥିବା ଘର ।

ଦଳପତି ଜଣେ ଗରିବ ଆଦିବାସୀ ଲୋକ ହୋଇଥିବା ବେଳେ ମୂଲ ଲାଗି ପରିବାର ପ୍ରତିପୋଷଣ କରଛନ୍ତି। ଏପରିସ୍ଥଳେ ସମ୍ପୂର୍ଣ୍ଣ ଘର ଭୁଶୁଡ଼ି ଯାଇଥିବା ବେଳେ ସେ କିଭଳି ପଲିଥିନ ତଳେ ପରିବାରକୁ ନେଇ ରହିବେ ଚିନ୍ତାରେ ପଡ଼ିଛନ୍ତି। ଆସବାବପତ୍ର ମଧ୍ୟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। କେବଳ ପିନ୍ଧାଲୁଗା ସହିତ ପରିବାର ରହୁଥିବା ବେଳେ ତାଙ୍କ ଖାଦ୍ୟପେୟ ଓ ସାତ ମାସର ଶିଶୁକୁ ନେଇ କୁଆଡ଼େ ଯିବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ପଲିଥିନ୍ ଦେଇ କାର୍ଯ୍ୟ ସାରିଦେଲେ ରାଜସ୍ୱ ନିରୀକ୍ଷକ

କ୍ଷତିଗ୍ରସ୍ତ ପରିବାରଙ୍କୁ ଗୋଟିଏ ଚାବି ଦେଇ ନିକଟସ୍ଥ ଏକ କ୍ଲବ ଘରେ ଥଇଥାନ କରିବା ପାଇଁ କୁହାଯାଇଥିବା ବେଳେ ସେହି ଘର ମଧ୍ୟ ପରିତ୍ୟକ୍ତ ଅବସ୍ଥାରେ ଥିବାରୁ ସେଠାରେ ରହିବା ପାଇଁ ଅନିଚ୍ଛା ପ୍ରକାଶ କରୁଥିବା ବେଳେ ତହସିଲ ପକ୍ଷରୁ ଦିଆଯାଇଥିବା ପଲିଥିନ ତଳେ ୫ ପ୍ରାଣୀ ମୁଣ୍ଡ ଗୁଞ୍ଜିଛନ୍ତି। ବନ୍ୟା ବାତ୍ୟା ସମୟରେ ପ୍ରଶାସନ ଓ ସରକାରଙ୍କ ପକ୍ଷରୁ କ୍ଷତିଗ୍ରସ୍ତଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବାପାଇଁ ନିୟମ ରହିଥିଲେ ସୁଦ୍ଧା ଏଠାରେ ତା'ର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରି ଥଇଥାନ ଲାଗି ସାଧାରଣରେ ଦାବି ହେଉଛି।

# କୁଡୁମୁଲୁଗୁମ୍ମା ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଗ୍ରାମସଭା


ଗ୍ରାମସଭାରେ ବିଭିନ୍ନ ବିଷୟରେ ଆଲୋଚନା କରାଯାଉଛି ।

ମାଲକାନଗିରି,୨୫।୭(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ କୁଡୁମୁଲୁଗୁମ୍ମା ପଞ୍ଚାୟତ କାର୍ଯ୍ୟାଳୟରେ ଗୁରୁବାର ଏକ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ଅନ୍ତର୍ଗତ ଏହି ଗ୍ରାମସଭାରେ ସରପଞ୍ଚ ମଙ୍ଗଳା ମାଢ଼ୀ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଏବ ସରପଞ୍ଚ ହସମତି ହନ୍ତାଳ, ସମିତି ସଭ୍ୟା ମୁନି ସଗରିଆ, ପଞ୍ଚାୟତ ନିର୍ବାହୀ ଅଧିକାରୀ ରେବତୀନାଥ ମାଝି, ବିଆରସିସି ସୁଶାନ୍ତ କୁମାର ସାହୁ ଓ ସାମାଜିକ କର୍ମୀ ଭଗବାନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଉଦ୍ଦେଶ୍ୟ ଥିଲା, ପ୍ରତ୍ୟେକ ଘରେ ପାନୀୟ ଜଳ ପହଞ୍ଚାଇବା, ବାହାରେ ମଳତ୍ୟାଗରୁ ଗାଁକୁ ମୁକ୍ତ ରଖିବା ଓ ପରିମଳ ବ୍ୟବସ୍ଥାର ନିରାକରଣ ସହ ଗାଁ ପରିବେଶ ସ୍ୱଚ୍ଛ ରଖିବାକୁ ଉଦ୍ୟମ କରି ନିଜ ଗାଁକୁ ଏକ ଆଦର୍ଶ ଗ୍ରାମରେ ପରିଣତ କରିବା ପାଇଁ ସଭାପତି ମାଢୀ ଆହ୍ୱାନ କରିଥିଲେ। ଆଗାମୀ ୩୧ ତାରିଖ ସୁଦ୍ଧା ଏହାର ସବିଶେଷ ବିବରଣୀ ଦେବା ପାଇଁ ଉପସ୍ଥିତ ୧୯ ଜଣ ୱାର୍ଡ଼ ସଭ୍ୟ ଓ ଗ୍ରାମସାଥୀଙ୍କୁ ଅନୁରୋଧ କରିଛନ୍ତି। ଏହି ଅବସରରେ କୁଡୁମୁଲୁଗୁମ୍ମା ପଞ୍ଚାୟତ ପାଖାପାଖି ୧୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଯୋଗ ଦେଇଥିଲେ।

# ଓଜେଇରେ ସଫଳତା ପାଇଥିବା ୧୯ ଛାତ୍ରୀଛାତ୍ରଙ୍କୁ ଜିଲାପାଳଙ୍କ ଶୁଭେଚ୍ଛା

କୋରାପୁଟ,୨୫।୭ (ଅମିତାଭ ବେହେରା)

ଓଜେଇ ପରୀକ୍ଷାରେ ସଫଳତା ହାସଲ କରିଥିବା କୋରାପୁଟ ଜିଲା ମଙ୍ଗଳ ବିଭାଗର ୧୯ ଜଣ ଛାତ୍ରୀଛାତ୍ରଙ୍କୁ ଗୁରୁବାର କୋରାପୁଟ ଜିଲାପାଳ ଭି. କିର୍ତିଭାସନ ଶୁଭେଚ୍ଛା ଜଣାଇଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶୁଭେଚ୍ଛା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲା ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ବାମୁଣୀପୁଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ସ୍ୱତନ୍ତ୍ର କୋଚିଂ ପ୍ରଦାନ କରାଯାଉଥିବାବେଳେ ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର କୋଚିଂ ନେଇ ଚଳିତ ବର୍ଷ ଓଜେଇ ପରୀକ୍ଷା ଦେଇଥିଲେ। କୋଟପାଡ଼ ଏବଂ ବାମୁଣୀପୁଟ ବିଦ୍ୟାଳୟର ୧୯ ଜଣ ଛାତ୍ରୀଛାତ୍ର ସଫଳତା ହାସଲ କରି ଇଞ୍ଜିନିୟରିଂ ପଢିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତ। ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କୁ ଜିଲାପାଳ ଭାସନ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଛନ୍ତି । ଏହି ଅବସରରେ ଜିଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡିଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।


କୋରାପୁଟ ଜିଲାପାଳଙ୍କ ସହ କୃତୀ ଛାତ୍ରୀଛାତ୍ର।

# ମୋଟୁ ସୀମାନ୍ତରେ ଟ୍ରକ୍ କର୍ମଚାରୀଙ୍କ ସହ ଜିଲାପାଳଙ୍କ ଆଲୋଚନା


ମୋଟୁ ସୀମାରେ ଅଟକିଥିବା ଟ୍ରକ୍ ଡ୍ରାଇଭରଙ୍କ ସହ ଜିଲାପାଳ ଆଲୋଚନା କରୁଛନ୍ତି ।

ମାଲକାନଗିରି,୨୫।୭ (ଦୁର୍ଯ୍ୟୋଧନ ପାତ୍ର)

ଗତ ଏକ ସପ୍ତାହ ଧରି ମାଲକାନଗିରି ଜିଲାରେ ଲଗାଣ ବର୍ଷା ଲାଗି ରହିଥିବା ବେଳେ ଗତ ୫ ଦିନ ପୂର୍ବେ ମୋଟୁ ନିକଟ ଆନ୍ଧ୍ରପ୍ରଦେଶର କୁଇଗୁରୁ ପାଖ ମୁଖ୍ୟ ରାସ୍ତା ବର୍ଷା ପାଣିରେ ଦବିଯାଇ ଉଭୟ ପାର୍ଶ୍ୱରେ ଶହ ଶହ ଟ୍ରକ ଅଟକି ରହିଛି। ତେବେ ଏହି ଟ୍ରକ ଡ୍ରାଇଭର ଓ ହେଲ୍ପର ଗତ ୫ ଦିନ ଧରି ଭୋକ ଉପାସରେ ଉକ୍ତ ସ୍ଥାନରେ ରହିଥିବା ବେଳେ ପ୍ରଶାସନ ତରଫରୁ କୌଣସି ସୁବିଧା କରାଯାଇ ନ ଥିବା କ୍ଷୋଭ ପ୍ରକାଶ କରିଥିଲେ। ତେବେ ଏ ସମ୍ପର୍କରେ ମାଲକାନଗିରି ଜିଲାପାଳ ସଚିନ ପାୱାର ଖବର ପାଇଲା ପରେ ଗୁରୁବାର ଜିଲାପାଳ ମୋଟୁ ସୀମାନ୍ତ ଜାତୀୟ ରାଜପଥ ନିକଟରେ ଫସି ରହିଥିବା ଟ୍ରକ କର୍ମଚାରୀଙ୍କ ସହ ଆଲୋଚନା କରିଛନ୍ତି। ସେମାନଙ୍କୁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ଟ୍ରକ୍ କର୍ମଚାରୀଙ୍କ ନିମନ୍ତେ ଖାଦ୍ୟ ଓ ପାନୀୟ ଜଳ ବ୍ୟବସ୍ଥା କରାଯାଇଛି। ପ୍ରତିକୂଳ ପରିସ୍ଥିତି ଥିବା ହେତୁ ସମସ୍ତ ଟ୍ରକ୍ କର୍ମଚାରୀଙ୍କୁ ଅନ୍ୟ ରାସ୍ତା ଦେଇ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ପାଇଁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଜିଲାପାଳଙ୍କ ଗସ୍ତ ସମୟରେ କାଲିମେଳା ବିଡିଓ ଏବଂ ମୋଟୁ ତହସିଲଦାର ଉପସ୍ଥିତ ଥିଲେ ।

# ଗୁରୁତରଙ୍କ ବିଶାଖାପାଟଣା ମେଡିକାଲରେ ମୃତ୍ୟୁ

### ବାଇକ୍ ଦୁର୍ଘଟଣା

ଚିତ୍ରକୋଣ୍ଡା,୨୫।୭ (କ୍ଷୀରୋଦ ବେହେରା)

ବିଏସ୍ଏଫ ଗାଡ଼ି-ବାଇକ୍ ମୁହାଁ ମୁହିଁ ଦୁର୍ଘଟଣାରେ ବୁଧବାର ରାଜେଶ ଖରାଙ୍କର ମୃତ୍ୟୁ ହୋଇଥିବା ବେଳେ ଗୁରୁତର ଥିବା ରାହୁଲ ସଗରିଆଙ୍କର ଗୁରୁବାର ବିଶାଖାପାଟଣାର ଏକ ଘରୋଇ ମେଡିକାଲରେ ମୃତ୍ୟୁ ହୋଇଛି।

ଚିତ୍ରକୋଣ୍ଡା ଥାନାରେ ନଂ.୧୩୭/୨୪ରେ ମାମଲା ରୁଜୁ ହୋଇଛି। ଖବର ଲେଖିବା ସୁଦ୍ଧା ବିଶାଖାପାଟଣାରୁ ମୃତଦେହ ଚିତ୍ରକୋଣ୍ଡାରେ ପହଞ୍ଚିନାହିଁ। ମୃତଦେହ ଚିତ୍ରକୋଣ୍ଡା ପହଞ୍ଚିବା ପରେ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି ।

कार्यपालक अभियंता का कार्यालय
राष्ट्रीय उच्च पथ प्रमंडल, पथ निर्माण विभाग, देवघर, झारखण्ड
सर्कुलर रोड, नियर उपायुक्त आवास, देवघर, झारखण्ड (814112)

सूचना / शुद्धि पत्र

इस कार्यालय द्वारा आमंत्रित अति अल्पकालीन ई–निविदा प्रसंग सं0–NH/Deoghar/JHR/F2/03[PR NO. 330253 Deoghar(24-25):D] दिनांक 20.07.2024 के ऑन लाइन निविदा के लिए वेबसाईट https://jharkhandtenders.gov.in के स्थान पर https://eprocure.gov.in/ eprocure/app पढ़ा जाय।

शेष शर्तें यथावत रहेंगी।

ह0/–
कार्यपालक अभियंता
रा0 उ0 पथ प्रमंडल, देवघर।

PR 330755 (Deoghar) 24-25 (D)

# ବାରିଣୀପୁଟରେ ଆଇନ ସଚେତନତା ଶିବିର

ଜୟପୁର,୨୫।୭(ପବନ ପାଣିଗ୍ରାହୀ)

ଜୟପୁରସ୍ଥିତ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବୁଧବାର ବାରିଣୀପୁଟ ପ୍ରୋଜେକ୍ଟ ଉଚ୍ଚ ବିଦ୍ୟାଳୟଠାରେ ନାବାଳକ ନ୍ୟାୟ ଓ ଶିଶୁ ସୁରକ୍ଷା ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ପ୍ରାଧିକରଣ ସଚିବ ବିଚାର଼ପତି ସୁମନ ଜେନା, ଅନ୍ୟତମ ଅତିଥି ରୂପେ କୋରାପୁଟ ଶିଶୁ କଲ୍ୟାଣ କମିଟି ଅଧ୍ୟକ୍ଷା ଗାୟତ୍ରୀ ପାତ୍ର ଯୋଗଦେଇ ଶିବିରରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଆଇନ ସମ୍ପର୍କରେ ସୂଚନା ଦେଇ ଜୁଭେନାଇଲ ଜଷ୍ଟିସ୍ କେୟାର ଏବଂ ଶିଶୁ ସୁରକ୍ଷା ଆକ୍ଟ ୨୦୧୫ ଉପରେ ବୁଝାଇଥିଲେ। ପ୍ରଧାନ ଶିକ୍ଷକ ପର୍ଶୁରାମ ସେଠୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ନଦୀରୁ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଜବତ

ପାତ୍ରପୁର,୨୫।୭(ଉମା ଚରଣ ନେପାକ)

ଜରଡ଼ା ଥାନା ତୁମ୍ବା ପଞ୍ଚାୟତ ସିଲେଇଶିଙ୍ଗି ଗ୍ରାମରୁ ନିଖୋଜ ଥିବା କାଳିଆ ଶବରଙ୍କ ମୃତଦେହ ଗୁରୁବାର ମହେନ୍ଦ୍ରତନୟା ନଦୀରୁ ଜବତ ହୋଇଛି। କାଳିଆ ଗତ ମଙ୍ଗଳବାର ସକାଳେ ବୁରସାହି ନିକଟ ଜମିକୁ ଯାଇଥିଲେ। ତେବେ ଦୀର୍ଘ ସମୟ ଧରି ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧାନ ମିଳି ନ ଥିଲା। ଗୁରୁବାର ଗ୍ରାମଠାରୁ ନିକଟ ମହେନ୍ଦ୍ରତନୟା ନଦୀରେ ମୃତଦେହ ଭାସୁଥିବା ଲୋକେ ଦେଖିଥିବଲେ। ପରିବାର ଲୋକେ ମୃତଦେହ ଚିହ୍ନଟ କରିବା ସହ ତୁମ୍ବା ଫାଣ୍ଡିକୁ ଜଣାଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# କେନାଲ ଭାଙ୍ଗି ଚାଷୀଙ୍କ ୫ ଏକର ଜମି ବାଲିଚର

ମାଲକାନଗିରି, ୨୫।୭ (ଦୁର୍ଯ୍ୟୋଧନ ପତ୍ର)

ମାଲକାନଗିରି ଜିଲାରେ ଲଗାଣ ବର୍ଷା ଯୋଗୁ ଚାରିଆଡେ ଜଳାର୍ଣ୍ଣବ ସ୍ଥିତି ଉପୁଜିଥିବା ବେଳେ ଏହି ବର୍ଷା ଯୋଗୁ କେନାଲ ହିଡ ଭାଙ୍ଗି ଜଣେ ଗରିବ ଚାଷୀଙ୍କ ପ୍ରାୟ ୫ ଏକର ଚାଷ ଜମି ବାଲିଚର ହୋଇଯାଇଥିବା ନେଇ ଅଭିଯୋଗ ହୋଇଛି । ଏପରି ଘଟଣା ଘଟିଛି ମାଲକାନଗିରି ସଦର ବ୍ଲକ ଗୌଡଗୁଡ଼ା ପଞ୍ଚାୟତର ଏମ୍ଭି ୯ ଗ୍ରାମରେ। ସେହି ଗ୍ରାମର ଚାଷୀ ପବିତ୍ର ସରକାର ଜଣେ ଗରିବ ଚାଷୀ। ଧାର କରଜ କରି ସେ ୫ ଏକର ଜମିରେ ଗତ କିଛିଦିନ ପୂର୍ବରୁ ଧାନ ରୋଇଥିଲେ। ତେବେ ସେ ନିଜ ଜମି ନିକଟକୁ ଯାଇ ଦେଖିଲା ବେଳକୁ ପାର୍ଶ୍ୱରେ ଯାଇଥିବା କେନାଲ ଭାଙ୍ଗି ତାଙ୍କ ଚାଷ ଜମିରେ ପାଣି ପ୍ରବାହିତ ହୋଇ ରୁଆ ଯାଇଥିବା ସବୁ ଧାନ ଗଛ ଧୋଇ ନେବା ସହିତ ବାଲି ମାଡି ଯାଇଛି। ଏହା ଦେଖି ସେ ଦୁଃଖରେ ଭାଙ୍ଗି ପଡ଼ିବା ସହ କ୍ଷୟକ୍ଷତି ସମ୍ପର୍କରେ ପଞ୍ଚାୟତ ଓ ବ୍ଲକରେ ଜଣାଇଥିଲେ ମଧ୍ୟ ତାଙ୍କ ଅସୁବିଧା ବିଷୟରେ କୌଣସି ପଦକ୍ଷେପ ନିଆଯାଇନାହିଁ ବୋଲି ସେ ଅଭିଯୋଗ କରିଛନ୍ତି । ଏହାକୁ ନେଇ ଚାଷୀ ପବିତ୍ର ସରକାର ଚିନ୍ତାରେ ପଡିଥିବା ବେଳେ ଜିଲା ପ୍ରଶାସନଙ୍କ ନିକଟରେ ସହାୟତା ପାଇଁ ଗୁହାରି କରିଛନ୍ତି।


ଚାଷ ଜମିରେ ମାଡି ଯାଇଥିବା ବାଲି ।

कार्यपालक अभियंता का कार्यालय
राष्ट्रीय उच्च पथ प्रमंडल, पथ निर्माण विभाग, देवघर, झारखण्ड
सर्कुलर रोड,नियर उपायुक्त आवास,देवघर,झारखण्ड (814112)

सूचना / शुद्धि पत्र

इस कार्यालय द्वारा आमंत्रित अति अल्पकालीन ई–निविदा प्रसंग सं0–NH/Deoghar/ JHR/F2/06 [PR 330246(Deoghar)24-25(D)], दिनांक 20.07.2024 के ऑन लाइन निविदा के लिए वेबसाईट https://jharkhandtenders.gov.in के स्थान पर पढ़ा जाय।

शेष शर्तें यथावत रहेंगी।

ह0/–
कार्यपालक अभियंता
रा0 उ0 पथ प्रमंडल,देवघर

PR 330758 Deoghar(24-25).D

# କରଡ଼ି ଲାଗି ପଦାହେଉଛି ବାଉଁଶ ଜଙ୍ଗଲ

କୋରୁକୋଣ୍ଡା,୨୫।୭(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ସହର ଓ କୋରୁକୋଣ୍ଡା ବ୍ଲକର ବିଭିନ୍ନ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ ଜନଜାତିଙ୍କ ଅନ୍ୟତମ ଜୀବିକା ସାଜିଛି ବାଉଁଶ କରଡ଼ି। ବିଶେଷକରି ବର୍ଷାଦିନେ ଜଙ୍ଗଲରେ ବାଉଁଶ ବୁଦାରୁ ଗଜା ବାହାରିଥାଏ। ନିକଟସ୍ଥ ଜଙ୍ଗଲରୁ ଗଜା ବାଉଁଶକୁ ଲୋକେ ସଂଗ୍ରହ କରି କରଡ଼ି ଆକାରରେ ବଜାରରେ ବିକ୍ରିକରି ନିଜର ଗୁଜରାଣ ମେଣ୍ଟାଉଛନ୍ତି । କୋରୁକୋଣ୍ଡା ଓ ବାଲିମେଳା ବନାଞ୍ଚଳ ଅଧୀନରେ ଥିବା ବିଭିନ୍ନ ଜଙ୍ଗଲରେ ବାଉଁଶ ଗଜା ଅତି ସହଜରେ ମିଳୁଥିବାରୁ ଅଞ୍ଚଳର ଗରିବ ଲୋକେ ଏହାକୁ ସଂଗ୍ରହ କରି ତାକୁ ଖଣ୍ଡ ଖଣ୍ଡ କରି କାଟି କରଡ଼ି ପ୍ରସ୍ତୁତ କରୁଛନ୍ତି। କେତେକ ଏହାକୁ ସିଧାସଳଖ ବଜାରରେ ବିକ୍ରିକରି ଦୁଇ ପଇସା ରୋଜଗାର କରୁଛନ୍ତି।


ବାଉଁଶ କରଡ଼ି ବିକ୍ରି କରାଯାଉଛି।

କେତେକ ବ୍ୟକ୍ତି କରଡ଼ିକୁ ଅଞ୍ଚଳରେ ହେଉଥିବା ବିଭିନ୍ନ ସାପ୍ତାହିକ ହାଟ ଓ ସ୍ଥାନୀୟ ଦୈନିକ ବଜାରରେ ମଧ୍ୟ ବିକ୍ରି କରୁଥିବା ଦେଖିବାକୁ ମିଳୁଛି। ତେବେ କରଡ଼ି ବିକ୍ରି କରୁଥିବା କିଛି ଲୋକଙ୍କ କହିବା ପ୍ରକାରେ, ସେମାନେ ପ୍ରତିଦିନ ଭୋରରୁ ଗାଁ ନିକଟ ଜଙ୍ଗଲକୁ ଯାଇ କରଡ଼ି ସଂଗ୍ରହ କରିଥାନ୍ତି। ଅପରାହ୍ନରେ ଘରକୁ ଫେରିବା ପରେ ଏହାର ଉପର ଅଂଶରେ ଥିବା ଟାଣ ଛାଲିକୁ ବାହାର କରି ହାଟକୁ ନେଇ ବିକ୍ରି କରିଥାନ୍ତି। ଗୋଟିଏ ପରିବାର କରଡ଼ି ବିକ୍ରିକରି ଦିନକୁ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର କରୁଥିବା କହିଛନ୍ତି। କରଡ଼ିରେ ବିଭିନ୍ନ ପ୍ରକାରର ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରିଥାନ୍ତି। ଏତିକି ନୁହେଁ, ଜିଲାର ବିଭିନ୍ନ ଅଞ୍ଚଳରୁ ବାଉଁଶ ରାୟଗଡ଼ା ଜେକେ କାଗଜକଳ ଓ ଜୟପୁର ସହରରେ ଥିବା ସେବା ପେପରମିଲ୍‌କୁ ଯାଉଥିଲା। ବିପୁଳ ପରିମାଣର ବାଉଁଶ ବିକ୍ରିକରି ବନ ବିଭାଗ ମଧ୍ୟ ଭଲ ରାଜସ୍ୱ ଆଦାୟ କରୁଥିଲା। ହେଲେ ଗତ କିଛି ବର୍ଷ ହେବ ଜଙ୍ଗଲରୁ ବିପୁଳ ପରିମାଣର କରଡ଼ି ସଂଗ୍ରହ ହେଉଥିବା ଯୋଗୁ ଅଞ୍ଚଳରେ ବାଉଁଶ ଜଙ୍ଗଲ ହ୍ରାସ ପାଇବାରେ ଲାଗିଛି। ବର୍ଷା ଋତୁରେ ବିଭିନ୍ନ ଅଞ୍ଚଳରେ ଥିବା ବାଉଁଶ ଜଙ୍ଗଲକୁ ଯାଇ ଲୋକେ କରଡ଼ି ସଂଗ୍ରହ କରି ଆଣୁଛନ୍ତି। ଫଳରେ ବାଉଁଶ ଆସ୍ତେ ଆସ୍ତେ ଲୋପ ପାଇବାରେ ଲାଗିଛି।

### କିଛି ଲୋକଙ୍କୁ ଯୋଗାଉଛି ଜୀବିକା

कार्यपालक अभियन्ता का कार्यालय,
ग्रामीण कार्य विभाग, कार्य प्रमण्डल, हजारीबाग

ई–अल्पकालीन निविदा आमंत्रण सूचना

ई–निविदा सं0 :–04/2024-25/RWD/EE/HAZARIBAG दिनांक :– 24.07.2024

कार्यपालक अभियंता, ग्रामीण कार्य विभाग, कार्य प्रमण्डल, हजारीबाग द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है ।

1.कार्य की विवरणी :–

| क्र0 सं0 | आईडेन्टी फिकेशन संख्या / पैकेज संख्या | प्रखण्ड | कार्य का नाम | प्राक्कलित राशि (रुपया में) अंक में | अक्षर में | कार्य समाप्ति की अवधि |
|---|---|---|---|---|---|---|
| 1 | RWD/HAZ/STP KG/02/2024-25 | बरही | डी0ए0भी0 स्कूल से कारीमाटी तक पथ का सुदृढ़ीकरण कार्य (लं0–2.850 कि0मी0) | 12,74,69,050/- | बारह करोड़ चौहत्तर लाख उनहत्तर हजार पचास रुपये मात्र | 15 (पन्द्रह) माह |
| | | बरही | खोडाहर से केदारुत तक पथ का सुदृढ़ीकरण कार्य (लं0–5.100 कि0मी0) | | | |
| | | बरही | जी0टी0 रोड से पुरहारा तक पथ का सुदृढ़ीकरण कार्य (लं0–2.100 कि0मी0) | | | |
| | | बरही | डी0ए0भी0 स्कूल से पडीरमा तक पथ का सुदृढ़ीकरण कार्य (लं0–2.100 कि0मी0) | | | |
| | | बरही | तिलैया से कोल्हुआकला तक पथ का सुदृढ़ीकरण कार्य (लं0–6.150 कि0मी0) | | | |
| | | पदमा | केवला मोड से बरदेवा तक पथ का सुदृढ़ीकरण कार्य (लं0–2.750 कि0मी0) | | | |

2. वेबसाईट में निविदा प्रकाशन की तिथि :–01.08.2024
3. ई–निविदा प्राप्ति की अंतिम तिथि एवं समय :–10.08.2024 अपराह्न 5.00 बजे तक ।
4. निविदा खोलने की, तिथि, एवं समय–12.08.2024 पूर्वाह्न 11.30 बजे।
5. निविदा आमंत्रित करने वाले पदाधिकारी का पदनाम एवं पता :–कार्यपालक अभियंता, ग्रामीण कार्य विभाग, कार्य प्रमण्डल, हजारीबाग ।
6. ई–निविदा प्रकोष्ठ का दूरभाष सं0–06546–265286 ।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है ।

कार्यपालक अभियंता,
ग्रामीण कार्य विभाग,कार्य प्रमण्डल, हजारीबाग

PR 330717 Rural Work Department(24-25).D

# ସମସ୍ୟା ସମାଧାନ ନ ହେଲେ ଧାରଣା ଚେତାବନୀ

ନନ୍ଦାହାଣ୍ଡି,୨୫।୭ (ପ୍ରତୀପ କୁମାର ଦାଶ)


ସମସ୍ୟା ଜଣାଇବାକୁ ଆସିଥିବା ଓଡ଼ିଶା ଜୀବିକା ମିଶନ ଗୋଷ୍ଠୀ ସହାୟିକା।

**ଓଡ଼ିଶା ଜୀବିକା ମିଶନ ଗୋଷ୍ଠୀ ସହାୟିକାଙ୍କ ସମସ୍ୟା**

- ୭ମାସ ହେବ ଦରମା ମିଳି ନ ଥିବା ନେଇ ଅଭିଯୋଗ
- ନନ୍ଦାହାଣ୍ଡି ବ୍ଲକରେ ଏପରି କୌଣସି ନିଯୁକ୍ତି ନେଇ ନୋଟିସ ନ ଥିବା କହିଲେ ଅଧିକାରୀ

୭ ମାସ ହେଲା ଓଡ଼ିଶା ଜୀବିକା ମିଶନ ଗୋଷ୍ଠୀ ସହାୟିକାଙ୍କୁ ଦରମା ମିଳି ନ ଥିବା ଅଭିଯୋଗ। ଗୁରୁବାର ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକର ୭ ପଞ୍ଚାୟତର ପ୍ରାୟ ୫୦ ଜଣ ଗୋଷ୍ଠୀ ସହାୟିକା ସମସ୍ୟା ଜଣାଇବାକୁ ଓଡ଼ିଶା ଜୀବିକା ମିଶନ ଜିଲା ପ୍ରୋଜେକ୍ଟ ମ୍ୟାନେଜର ସୁସ୍ମିତା ସାମନ୍ତରାୟଙ୍କୁ ଭେଟିଥିଲେ। ନନ୍ଦାହାଣ୍ଡି ବ୍ଲକରେ ଗୋଷ୍ଠୀ ସହାୟିକା ନିଯୁକ୍ତି ପାଇଁ କୌଣସି ନୋଟିସ କରାଯାଇ ନାହିଁ ବୋଲି ଅଧିକାରୀ ମତ ଦେଇଥିଲେ। ଜିଲା ପ୍ରୋଜେକ୍ଟ ମ୍ୟାନେଜରଙ୍କ ମନ୍ତବ୍ୟ ପାଇବା ପରେ ସମସ୍ତ ଗୋଷ୍ଠୀ ସହାୟିକା ଅସହାୟ ହୋଇ ନବରଙ୍ଗପୁର ଜିଲାପାଳ ଡ. କମଳଲୋଚନ ମିଶ୍ରଙ୍କୁ ଭେଟି ଅଭିଯୋଗ ଜଣାଇଥିଲେ। ଜିଲାପାଳ ଏହାର ତଦନ୍ତ କରି ସମସ୍ୟା ସମାଧାନ କରିବେ ବୋଲି କହିଛନ୍ତି। ତୁରନ୍ତ ସମସ୍ୟା ସମାଧାନ ନ ହେଲେ ଧାରଣା ଦେବାକୁ ଓଡ଼ିଶା ଜୀବିକା ମିଶନ ଗୋଷ୍ଠୀ ସହାୟିକା ଚେତାବନୀ ଦେଇଛନ୍ତି।

ପ୍ରକାଶ ଯେ, ମହିଳାମାନଙ୍କ ଆର୍ଥିକ ଓ ସାମାଜିକ ଅଭିବୃଦ୍ଧି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଙ୍କର କାର୍ଯ୍ୟ ପରିଚାଳନା ପାଇଁ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଗୋଷ୍ଠୀ ସହାୟିକାମାନଙ୍କୁ ନିଯୁକ୍ତି ଦିଆଯାଇଥିଲା। ସେମାନଙ୍କ ପାଇଁ ମାସିକ ୬୧୦୦ ଟଙ୍କା ଦରମା ଧାର୍ଯ୍ୟ କରାଯାଇଥିଲା। ଦୀର୍ଘ ୭ ମାସ ନିଜ କାର୍ଯ୍ୟ କରିବା ପରେ ବି ନନ୍ଦାହାଣ୍ଡି ବ୍ଲକର ଗୋଷ୍ଠୀ ସହାୟିକାମାନଙ୍କୁ ଦରମା ଦିଆଯାଇନଥିବା ଗତ ପଞ୍ଚାୟତ ସମିତି ବୈଠକରେ ଅଭିଯୋଗ ହୋଇଥିଲା। ସେମାନେ କୌଣସି କାମ କରିନାହାନ୍ତି ବୋଲି ଯୁକ୍ତି ବାଢ଼ିଥିଲେ ଓଡ଼ିଶା ଜୀବିକା ମିଶନ ବ୍ଲକ ସଂଯୋଜକ। ଏହା ମଧ୍ୟରେ ଗୁରୁବାର ବ୍ଲକର ୭ ପଞ୍ଚାୟତରୁ ପ୍ରାୟ ୫୦ ଜଣ ଗୋଷ୍ଠୀ ସହାୟିକା ଓଡ଼ିଶା ଜୀବିକା ମିଶନ ଜିଲା ପ୍ରୋଜେକ୍ଟ ମ୍ୟାନେଜର ସାମନ୍ତରାୟଙ୍କୁ ଭେଟିଥିଲେ। ନନ୍ଦାହାଣ୍ଡି ବ୍ଲକରେ ଗୋଷ୍ଠୀ ସହାୟିକା ନିଯୁକ୍ତି ପାଇଁ କୌଣସି ନୋଟିସ କରାଯାଇ ନାହିଁ ବୋଲି ପ୍ରୋଜେକ୍ଟ ମ୍ୟାନେଜର କହିଥିଲେ। ତେଣୁ ବ୍ଲକରେ କାମ କରୁଥିବା ଗୋଷ୍ଠୀ ସହାୟିକା କିଭଳି ଚୟନ କରାଯାଇଛି ତାହା ତଦନ୍ତସାପେକ୍ଷ। କିନ୍ତୁ ଗୋଷ୍ଠୀ ସହାୟିକାଙ୍କର ସମସ୍ତ ଚୟନ ପ୍ରକ୍ରିୟା ନନ୍ଦାହାଣ୍ଡି ବ୍ଲକ ପରିସରରେ କରାଯାଇ ସେମାନଙ୍କୁ ନିଯୁକ୍ତି ପତ୍ର ଦିଆଯାଇଛି। ସେହି ନିଯୁକ୍ତି ପତ୍ର ଆଧାରରେ ସେମାନେ ନିଜ କାର୍ଯ୍ୟ ମଧ୍ୟ କରୁଥିଲେ, ଯାହାର ପ୍ରମାଣ ମଧ୍ୟ ମହଜୁଦ ଅଛି ବୋଲି ସେମାନେ କହିଛନ୍ତି।

ସୂଚନାନୁଯାୟୀ, ନନ୍ଦାହାଣ୍ଡି ବ୍ଲକରେ ଜୀବିକା ମିଶନର ବ୍ଲକସ୍ତରୀୟ ସଂଯୋଜକ ନ ଥିବାରୁ ସେ ସମୟରେ ମିଶନ ଶକ୍ତିରେ କାର୍ଯ୍ୟରତ ପ୍ରିୟଦର୍ଶିନୀ ଖଟୁଆଙ୍କୁ ଓଡ଼ିଶା ଜୀବିକା ମିଶନ ସଂଯୋଜକ ଦାୟିତ୍ୱ ଦିଆଯାଇଥିଲା। ତାଙ୍କ ଦ୍ୱାରା ଗ୍ରାମ ପଞ୍ଚାୟତ ଲେବଲ ଫେଡେରେଶନ ଏବଂ ବ୍ଲକ ଲେବଲ ଫେଡେରେଶନଙ୍କ ସହାୟତାରେ ନିଯୁକ୍ତି ପ୍ରକ୍ରିୟା ପରେ ଯୋଗ୍ୟ ଆବେଦନକାରୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ ସହ ଏଗ୍ରିମେଣ୍ଟ କରାଯାଇଥିବା ଜଣାପଡ଼ିଛି।

# ସିଟି ସ୍କାନ୍ ସେଣ୍ଟର ଉଦ୍‌ଘାଟନ କଲେ ଜିଲାପାଳ



ନବରଙ୍ଗପୁର,୨୫।୭(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ସଦର ମହକୁମା ମୁଖ୍ୟ ଚିକିତ୍ସାଳୟରେ ଜିଲାପାଳ କମଳ ଲୋଚନ ମିଶ୍ରଙ୍କ ସିଟି ସ୍କାନ ମେସିନ୍ ଉଦ୍‌ଘାଟନ କରିଛନ୍ତି। ଜିଲାରେ ପ୍ରଥମ ଥର ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏହି ସିଟି ସ୍କାନ୍ ମେଶିନ ସ୍ଥାପନ କରାଯାଇଛି। ଏହା ସ୍ପନ୍ଦନ ଡାଇଗ୍ନୋଷ୍ଟିକ ସଂସ୍ଥା ଦ୍ୱାରା ପିପିପି ମୋଡ୍‌ରେ ପରିଚାଳନା କରାଯିବ। ନିଃଶୁଳ୍କରେ ରୋଗୀମାନେ ଏହାର ଲାଭ ଉଠାଇବା ସହ ଉପକୃତ ହୋଇପାରିବେ। ଏହି ସିଟି ସ୍କାନ୍ ସେବା ପାଇଁ ରୋଗୀମାନଙ୍କୁ ବାହାର ଜିଲା ଓ ରାଜ୍ୟକୁ ଯିବାକୁ ପଡୁଥିଲା। ଜିଲା ପାଇଁ ସିଟି ସ୍କାନ୍ ସୁବିଧାର ଆବଶ୍ୟକତା ରହିଥିଲା। ଜିଲା ପ୍ରଶାସନର ଉଦ୍ୟମରେ ଏହା ହୋଇପାରିଛି। ରୋଗୀମାନେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅତ୍ୟାଧୁନିକ ଚିକିତ୍ସା ସୁବିଧା ପାଇପାରିବେ ବୋଲି ଜିଲାପାଳ ମିଶ୍ର କହିଥିଲେ। ଅସ୍ଥିଶଲ୍ୟ, ସ୍ନାୟୁ ରୋଗ, ଶଲ୍ୟ ଆଦି ରୋଗୀମାନେ ଏହାର ସୁବିନିଯୋଗ କରିପାରିବେ। ସିଟି ସ୍କାନ୍ ସେବା ପାଇଁ ଆବଶ୍ୟକ ସମସ୍ତ ଖର୍ଚ୍ଚ ସରକାର ବହନ କରିବେ। ଏଥିପାଇଁ ରୋଗୀମାନଙ୍କୁ କୌଣସି ଦେୟ ଦେବାକୁ ପଡିବ ନାହିଁ। ଏହା ପ୍ରତ୍ୟେକ ଦିନ ୨୪ ଘଣ୍ଟା ଖୋଲା ରହିବ। ୩ରୁ ୪ ଘଣ୍ଟା ମଧ୍ୟରେ ଏହାର ରିପୋର୍ଟ ଉପଲବ୍ଧ ହୋଇପାରିବ ବୋଲି ସୂଚନା ମିଳିଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମଳୟ କୁମାର ତ୍ରିପାଠୀ, ଡିଏମ୍‌ଓ ସୁକାନ୍ତ ଶତପଥୀ, ଡାକ୍ତର ନବକିଶୋର ବେହେରା, ଡିଆଇପିଆର୍‌ଓ ହଳଧର ନିଆଲ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା ପ୍ରୋଗ୍ରାମ ମ୍ୟାନେଜର ସୁଶାନ୍ତ କୁମାର ପ୍ରହରାଜଙ୍କ ସମେତ ଜିଲା ମୁଖ୍ୟ ଚିକିତ୍ସାଳୟର ଅଧିକାରୀ, କର୍ମଚାରୀ ପ୍ରମୁଖ ଯୋଗଦେଇଥିଲେ।

# ରାସ୍ତାରେ ଖାଲଖମା, ଜମୁଛି ବର୍ଷାପାଣି

ନବରଙ୍ଗପୁର,୨୫।୭
(ସଦାଶିବ ପ୍ରହରାଜ)

ଜିଲାରେ ଲଗାଣ ବର୍ଷା ଲାଗିରହିଛି। ଗାଁ ଗହଳି ହେଉ କିମ୍ବା ସହର ସବୁଠି ରାସ୍ତାଘାଟ ବେହାଲ ହୋଇପଡିଛି। ନବରଙ୍ଗପୁର ସହର ଉପକଣ୍ଠ ନନ୍ଦାହାଣ୍ଡି ବ୍ଲକ୍ ସିନ୍ଧିଗୁଡା ପଞ୍ଚାୟତ ଅଧୀନ ନୀଳକଣ୍ଠଗୁଡା ସରସ୍ୱତୀ ବିଦ୍ୟାମନ୍ଦିର ରାସ୍ତା ଖାଲଖମା ସହ କାଦୁଅ ପଚପଚ ହୋଇରହିଛି। ଏହି ରାସ୍ତାଦେଇ ପ୍ରତ୍ୟେକ ଦିନ ଛାତ୍ରୀଛାତ୍ର ସ୍କୁଲକୁ ଯିବା ଆସିବା କରୁଛନ୍ତି। ଏହାବ୍ୟତୀତ ଉକ୍ତ ଅଞ୍ଚଳରେ ରହୁଥିବା ସମସ୍ତ ସାହିଗଳିରେ ମୋରମ ଟିକିଏ ପଡ଼ିନାହିଁ। କେବଳ ବିଦ୍ୟାମନ୍ଦିର ରାସ୍ତାରେ କିଛି ଅଂଶ ମେଟାଲ ପଡିଛି। ଏହି ରାସ୍ତା ଏବେ ଦବିଗଲାଣି। ରାସ୍ତାକଡରେ ଡ୍ରେନ୍ ନ ଥିବାରୁ ବର୍ଷାପାଣି ଗଡାଣିଆ ଆଡକୁ ଯାଇ ବଡ଼ ବଡ଼ ଅସଜଡ଼ା ନାଳ ସୃଷ୍ଟି ହେବାରେ ଲାଗିଛି। ଏନେଇ ପକ୍କା ରାସ୍ତା ସହ ଡ୍ରେନ ନିର୍ମାଣ ପାଇଁ ଦାବି କରିଛନ୍ତି ଅଞ୍ଚଳବାସୀ।

ସେହିଭଳି ନବରଙ୍ଗପୁର ସହରର ଦଶହରା ପଦା ରାସ୍ତା ଦେଇ ଜିଲା ସଦର ମହକୁମା ଡାକ୍ତରଖାନା ଯିବାକୁ ପଡିଥାଏ। ଦୈନିକ ବିଭିନ୍ନ ଆମ୍ବୁଲାନ୍ସ ଏହି ରାସ୍ତା ଦେଇ ଯାତାୟାତ କରୁଛି। ଏହି ରାସ୍ତା ନନ୍ଦାହାଣ୍ଡି ବ୍ଲକ୍‌କୁ ସଂଯୋଗ କରୁଛି। ପ୍ରତିଦିନ ଯାତ୍ରୀବାହୀ ବସ୍ ଯାତାୟାତ ସହ ବ୍ଲକ୍‌ରୁ ସହରକୁ ଲୋକଙ୍କ ସମ୍ପର୍କ ରହୁଛି। ଦଶହରାପଦା ଛକରୁ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ରାସ୍ତା ପର୍ଯ୍ୟନ୍ତ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇଛି। ଲଗାଣ ବର୍ଷା ଯୋଗୁ ପାଣି ଜମି ରହୁଛି। ଗାଡ଼ିମଟରେ ଯାତାୟାତ, ଗର୍ଭବତୀ, ରୋଗୀଙ୍କୁ ନେବା ଆଣିବାରେ ସମସ୍ୟା ଦେଖାଦେଉଛି। ଅନ୍ୟପକ୍ଷରେ ଏହି ରାସ୍ତାର କିଛି ଅଂଶ ସଂକୀର୍ଣ୍ଣ ରହିଛି। ଜବରଦଖଲ ହଟାଯାଉ ନ ଥିବାରୁ ଟ୍ରାଫିକ୍ ସମସ୍ୟା ମଧ୍ୟ ଚିନ୍ତାର କାରଣ ସାଜୁଛି। ଏନେଇ ଜିଲା ପ୍ରଶାସନ ଏହି ରାସ୍ତା ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଦାବି ହେଉଛି ।



ଦଶହରାପଦା ଦେଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯିବା ରାସ୍ତା।

# ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ବୈଠକ


ବୈଠକରେ ଅତିଥି ଓ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ଚନ୍ଦାହାଣ୍ଡି,୨୫।୭(ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ବ୍ଲକ୍‌ସ୍ତରୀୟ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ଖରିଫ ସିଜିନରେ ଅଣରଣୀ ଚାଷୀ କିପରି ଅଧିକରୁ ଅଧିକ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ସାମିଲ ହୋଇ ନିଜ ଧାନ,ମକା ଓ ଚିନାବାଦାମ ଚାଷଜମିକୁ ପଞ୍ଜୀକରଣ କରିବେ ସେ ନେଇ ଆଲୋଚନା କରାଯାଇଛି। ଚନ୍ଦାହାଣ୍ଡି ତହସିଲଦାର ସହଦେବ କୁଟୁକା ମୁଖ୍ୟ ଅତିଥି, ବିଡିଓ ରାମକୃଷ୍ଣ ନାୟକ, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ବ୍ଲକ ସଂଯୋଜକ କାମିନୀ ରଞ୍ଜନ ପାଣ୍ଡେ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବିଗତ ବର୍ଷ ପରି ଏ ବର୍ଷ ମଧ୍ୟ ୫ ଏକରର ଗୋଟିଏ ପ୍ଲଟ୍ ପିଛା ୧ଟଙ୍କା ବୀମାରାଶି ଦେଇ ଚାଷୀମାନେ ନିକଟସ୍ଥ ଜନସେବା କେନ୍ଦ୍ରରେ ଚଳିତ ଜୁଲାଇ ୩୧ ମଧ୍ୟରେ ପଞ୍ଜୀକରଣ କରିପାରିବେ ବୋଲି କୁହାଯାଇଛି। କାର୍ଯ୍ୟକ୍ରମକୁ ବ୍ଲକ କୃଷି ଅଧିକାରୀ ରାକେଶ ପାଣ୍ଡେ ପରିଚାଳନା କରିଥିଲେ। ବ୍ଲକ୍‌ର ସମସ୍ତ କୃଷି ଅଧିଦର୍ଶକ, ସମସ୍ତ ରାଜସ୍ୱ ନିରୀକ୍ଷକ, ଏଟିଏମ୍ ଓ କୃଷକ ସାଥୀମାନେ ଉପସ୍ଥିତ ଥିଲେ।

# ବିବିଧତା ମଧ୍ୟରେ ଏକତା ଭାରତର ବୈଶିଷ୍ଟ୍ୟ

ଡାବୁଗାଁ, ୨୫।୭ (ପ୍ରଜ୍ଞାରଞ୍ଜନ ପରିଡ଼ା)

**ଶିକ୍ଷା ଶପଥ ସପ୍ତାହରେ ସାଂସ୍କୃତିକ ଦିବସ**

ଶିକ୍ଷା ଶପଥ ସପ୍ତାହର ୪ର୍ଥ ଦିନକୁ ସାଂସ୍କୃତିକ ଦିବସ ଭାବେ ପାଳନ କରାଯାଇଛି। ଏହି କ୍ରମରେ ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍‌ର ୬୬ ପ୍ରାଥମିକ, ୩୦ଟି ଉଚ୍ଚ ପ୍ରାଥମିକ ଓ ୯ଟି ଉଚ୍ଚ ବିଦ୍ୟାଳୟରେ ଶିକ୍ଷା ଶପଥ ସପ୍ତାହ ପାଳନ କରାଯାଉଛି। ଦେଶର ସାଂସ୍କୃତିକ ବିବିଧତାକୁ ଗୁରୁତ୍ୱ ଦିଆଯାଇଛି। ବିବିଧତା ମଧ୍ୟରେ ଏକତା ହେଉଛି ଭାରତର ଏକ ବୈଶିଷ୍ଟ୍ୟ। ଏହି ଅବସରରେ ବିଦ୍ୟାଳୟଗୁଡ଼ିକରେ ଆଞ୍ଚଳିକ ଓ ଓଡ଼ିଆ ଭାଷାରେ ନୃତ୍ୟ, ସଙ୍ଗୀତ, ନାଟିକା ଆଦି ଛାତ୍ରୀଛାତ୍ର ପରିବେଷଣ କରିଥିଲେ। ଏଥିରେ ଡାବୁଗାଁ ଏକ୍ସ – ବୋର୍ଡ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏଥିରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବନଲତା ମହାନ୍ତି, ଶିକ୍ଷୟିତ୍ରୀ ଗିରିଶବାଳା ଜେନା, ଅନିତା ବେହେରା, ପୁଷ୍ପାଞ୍ଜଳି ମଣି, ଚିନ୍ମୟ ପଟ୍ଟନାୟକ, ସସ୍ମିତା ଗୁଇଁ ଓ ଶିକ୍ଷକ ଦିବାକର ବାରିକ ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ଡାବୁଗାଁ ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ଭଗବାନ ମାଝି ଓ ସନ୍ତୋଷ ସାହୁ ଓ ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକମାନେ ବିଭିନ୍ନ ବିଦ୍ୟାଳୟକୁ ଯାଇ ତଦାରଖ କରିଥିଲେ।


ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବାକୁ ଆସିଥିବା ଛାତ୍ରୀ।

# ଜଙ୍ଗଲ ଜମି ଅଧିକାର ଆଇନ ଉପରେ ସମୀକ୍ଷା

ଜୟପୁର,୨୫।୭(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଜଙ୍ଗଲ ଜମି ଅଧିକାର ଆଇନ ଉପରେ ବୁଧବାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଜଙ୍ଗଲ ଜମି ଅଧିକାର ଆଇନରେ କେତେଜଣ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରାଯାଇଛି, କେତେଜଣ ଆବେଦନ କରିଛନ୍ତି, କେତୋଟି ନାକଚ ହୋଇଛି ସେନେଇ ବୈଠକରେ ଆଲୋଚନା ହୋଇଥିଲା। ବୈପାରିଗୁଡ଼ା ବ୍ଲକ୍‌ର ୫ଟି ଗ୍ରାମ୍ୟ ଜଙ୍ଗଲ ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରାଯାଇଛି। ସେହିପରି ଗୋଷ୍ଠୀଗତ ଜଙ୍ଗଲ ଅଧିକାର ଓ ଗୋଷ୍ଠୀଗତ ଜଙ୍ଗଲ ସମ୍ବଳ ଅଧିକାର ପ୍ରଦାନ ନେଇ ଗ୍ରାମ ଚିହ୍ନଟ କରାଯାଇଛି। ଜୟପୁର ବ୍ଲକ୍‌ର ୬ଟି ଗ୍ରାମ, ବୈପାରିଗୁଡ଼ା ବ୍ଲକ୍‌ର ୫ଟି, କୁନ୍ଦୁରା ବ୍ଲକ୍‌ର ୨ଟି, କୋଟପାଡ ବ୍ଲକ୍‌ର ୩ଟି, ବୋରିଗୁମ୍ମା ବ୍ଲକ୍‌ର ୨ଟି ଗ୍ରାମ ଏପରି ମୋଟ ୧୮ଟି ଗ୍ରାମକୁ ଚିହ୍ନଟ କରାଯାଇଛି। ବୈଠକରେ ଜୟପୁର ଉପ ଜିଲାପାଳ ପ୍ରଭାତ ପରିଡ଼ା, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ବୈଶାଳୀ ଦୋରା, ଆଇଟିଡିଏ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଯଜନ ବେହେରା, ଏସିଏଫ୍ ପ୍ରସନ୍ନ ମିଶ୍ର, ତହସିଲଦାର ମୋନାଲିସା ଆଚାର୍ଯ୍ୟ, ବୋରିଗୁମ୍ମା ତହସିଲଦାର ଅମୃତଲାଲା ବେହେରା, କୋଟପାଡ ତହସିଲଦାର କୀର୍ତ୍ତି ଚନ୍ଦ୍ର ପ୍ରଧାନ, ବୈପାରିଗୁଡ଼ା ତହସିଲଦାର ସ୍ନିଗ୍ଧା ଚୌଧୁରୀ, କୁନ୍ଦୁରା ତହସଲିଦାର ବିନୋଦ ନାୟକ, ଡବ୍ଲ୍ୟୁଇଓ,ଏଫ୍‌ଆର୍‌ଏ କୋର୍ଡିନେଟର ପ୍ରମୁଖ ଉପସ୍ଥିତ ଥିଲେ।

# ପିଲାଙ୍କ ମଧ୍ୟରେ ଭାଷା ଜ୍ଞାନର ବିକାଶ ଲକ୍ଷ୍ୟ

ନବରଙ୍ଗପୁର,୨୫।୭
(ସଦାଶିବ ପ୍ରହରାଜ)

**ହିନ୍ଦୀ ଶିକ୍ଷକମାନଙ୍କୁ ନେଇ ତାଲିମ ଶିବିର**

ଜିଲାର ଛାତ୍ରୀଛାତ୍ରଙ୍କ ମଧ୍ୟରେ ହିନ୍ଦୀ ଭାଷା ପ୍ରତି ଆଗ୍ରହ ତଥା ଭାଷାଜ୍ଞାନର ବିକାଶ ନିମନ୍ତେ ଜିଲାର ସମସ୍ତ ମାଧ୍ୟମିକ ବିଦ୍ୟାଳୟର ହିନ୍ଦୀ ଶିକ୍ଷକମାନଙ୍କୁ ନେଇ ନବରଙ୍ଗପୁର ଡିଇଓ ଛତ୍ରପତି ସାହୁଙ୍କ ତତ୍ତ୍ୱାବଧାନରେ ଏକ ତାଲିମ ଶିବିର ଆରମ୍ଭ ହୋଇଛି। ଅଗଷ୍ଟ ୩ ପର୍ଯ୍ୟନ୍ତ ରାଜା ଚୈତନ୍ୟ ଦେବ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଏହା ଚାଲିବ। କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନ ଆଗ୍ରା ପକ୍ଷରୁ ଭୁବନେଶ୍ୱର କେନ୍ଦ୍ର ଦ୍ୱାରା ଏହା ପରିଚାଳିତ ହେଉଛି। ସେବାନିବୃତ୍ତ ଅଧକ୍ଷ ହିନ୍ଦୀ ଶିକ୍ଷା ପ୍ରଶିକ୍ଷଣ ମହାବିଦ୍ୟାଳୟ ସମ୍ବଲପୁରର ଡ ଲକ୍ଷ୍ମୀଧର ଦାଶ, ଆସିଷ୍ଟାଣ୍ଟ ପ୍ରଫେସର କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନ ହାଇଦ୍ରାବାଦ ଡ. ଚନ୍ଦ୍ରପ୍ରତାପ ସିଂହ, ରିଜିଓନାଲ ଡାଇରେକ୍ଟର କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନ ଭୁବନେଶ୍ୱରର ଡ ରଞ୍ଜନ କୁମାର ଦାସ, କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନ, ଭୁବନେଶ୍ୱରର ବିବେକାନନ୍ଦ ବିଶ୍ୱକର୍ମା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଏଡିଇଓ ରେଶମଲାଲ ନାଏକ, ରାଜା ଚୈତନ୍ୟ ଦେବ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରିୟା ନାଏକ ବାର୍ତ୍ତା ପ୍ରଦାନ କରିଥିଲେ। ନୋଡାଲ ଆରସିଡି ହାଇସ୍କୁଲର ହିନ୍ଦୀ ଶିକ୍ଷୟିତ୍ରୀ ଶିଳ୍ପୀ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ।



ବୈଠକରେ ଉପସ୍ଥିତ ଅତିଥିମାନେ।

# ସବୁ ଚାଷୀଙ୍କୁ ବୀମା ପଞ୍ଜୀକରଣ ଉପରେ ଗୁରୁତ୍ୱ

ନନ୍ଦାହାଣ୍ଡି,୨୫।୭ (ପ୍ରତୀପ କୁମାର ଦାଶ)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ କୃଷକ ସୂଚନା ଓ ପରାମର୍ଶ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ଫସଲ ବୀମାର ଏକ ପ୍ରଗତି ସମୀକ୍ଷା ବୈଠକ କରାଯାଇଛି। କୌଣସି ଚାଷୀ ଯେଭଳି ବୀମା ପଞ୍ଜୀକରଣରୁ ବଞ୍ଚିତ ନ ହୁଅନ୍ତି, ସେଥିପ୍ରତି ଦୃଷ୍ଟି ଦେବାକୁ ବିଭାଗର ସମସ୍ତ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ନନ୍ଦାହାଣ୍ଡି ଅତିରିକ୍ତ ତହସିଲଦାର ପୁରୁଷୋତ୍ତମ ବେନ୍ୟା, ସହକାରୀ କୃଷି ଅଧିକାରୀ ଅମିତ କୁମାର ମଲ୍ଲିକ, ରାଜସ୍ୱ ପରିଦର୍ଶକ ମହମ୍ମଦ ଜାବେଦ୍ ଅଖ୍‌ତାର, ଜନସେବା କେନ୍ଦ୍ର ନବରଙ୍ଗପୁର ଜିଲା ପ୍ରବନ୍ଧକ ସୌମ୍ୟ ରଞ୍ଜନ ନାୟକ ଫସଲ ବୀମା ବିଷୟରେ ବୁଝାଇଥିଲେ।

ନନ୍ଦାହାଣ୍ଡି ବ୍ଲକର ଚାଷୀ ଧାନ ଓ ମକା ଚାଷ ପାଇଁ ବୀମା ପଞ୍ଜୀକରଣ କରିବା ନେଇ ପ୍ରାବଧାନ ରହିଛି। ଖରିଫ ୨୦୨୪ ପାଇଁ ଚଳିତ ଜୁଲାଇ ୭ରୁ ୩୧ ତାରିଖ ପର୍ଯ୍ୟନ୍ତ ବୀମାଭୁକ୍ତ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଜଣେ ଚାଷୀ ସର୍ବାଧିକ ୨ ହେକ୍ଟର ପର୍ଯ୍ୟନ୍ତ ବିନାଦେୟରେ ବୀମାଭୁକ୍ତ କରିପାରିବେ। କେବଳ ପ୍ଲଟ ପ୍ରତି ଏକ ଟଙ୍କା ବ୍ୟାଙ୍କ ଆକାଉଣ୍ଟ ବିଧିମାନ୍ୟ ପାଇଁ ଚାଷୀଙ୍କୁ ଦେବାକୁ ପଡ଼ିଥାଏ। ରାଜ୍ୟ ଓ କେନ୍ଦ୍ର ସରକାର ମିଳିତ ଭାବେ ବୀମା କିସ୍ତି ବହନ କରୁଛନ୍ତି। କୃଷି ବୀମା କମ୍ପାନୀ ଦ୍ୱାରା ଏହାର ପ୍ରଚାର ପ୍ରସାର କରାଯାଉଛି। କୃଷି ସମବାୟ ସମିତି, ବ୍ୟାଙ୍କ ଶାଖା, ଜନସେବା କେନ୍ଦ୍ର, ଜିଲା/ବ୍ଲକ କୃଷି ଅଧିକାରୀ କାର୍ଯ୍ୟାଳୟ, ଅଧିକୃତ ବୀମା ଏଜେଣ୍ଟ, କୃଷି ବୀମା କମ୍ପାନୀ କାର୍ଯ୍ୟାଳୟ କିମ୍ବା ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ପୋର୍ଟାଲ ସହାୟତାରେ ଚାଷୀ ବୀମା ପଞ୍ଜୀକରଣ କରିପାରିବେ ବୋଲି କୁହାଯାଇଛି। କାର୍ଯ୍ୟକ୍ରମକୁ କୃଷି ବୀମା କମ୍ପାନୀ ବ୍ଲକ ସଂଯୋଜକ ଥବିତ୍ କୁମାର ସାହୁ ପରିଚାଳନା କରିଥିଲେ। କୃଷି ପର୍ଯ୍ୟବେକ୍ଷକ ପ୍ରେମାନନ୍ଦ ଦୋରା, ଦେବେନ୍ଦ୍ର କୁମାର ମାଝି, ଜାହ୍ନବୀ ମିଶ୍ର, ଭି.କ୍ରିଷ୍ଣା ବେଣୀ ରାଓ, ଶ୍ୱେତପଦ୍ମା ଦାସ ଓ ଗ୍ରାମ୍ୟ କୃଷି କର୍ମଚାରୀ ହୃଷୀକେଶ ସାହୁ, ଏଟିଏମ୍ ପ୍ରଦୀପ ମହାପାତ୍ର ଓ ସୁରୋଜ ମହାରଣା ଉପସ୍ଥିତ ଥିଲେ। ଏତଦ୍ ବ୍ୟତୀତ ଏଗାର ପଞ୍ଚାୟତର କୃଷକ ସାଥୀ ଓ ଜନସେବା କେନ୍ଦ୍ର ପରିଚାଳକ ସାମିଲ ହୋଇଥିଲେ।


ବୈଠକରେ ଆଲୋଚନା ଚାଲିଛି।

## ସଂକ୍ଷେପରେ

### ଡ୍ରାଇଭରଙ୍କୁ ବନ୍ଧୁକ ଦେଖାଇ ଲୁଟ୍

ଜୟପୁର, ୨୫।୭ (ପବନ ପାଣିଗ୍ରାହୀ)

ଡ୍ରାଇଭରଙ୍କୁ ବନ୍ଧୁକ ଦେଖାଇ ଲୁଟ ହୋଇଥିବା ନେଇ ଜୟପୁର ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ଗତ ୨୦ ତାରିଖ ରାତ୍ର ୨ଟାରେ ନୟାଗଡ଼ ଜିଲାର ସୌମ୍ୟରଞ୍ଜନ ମହାନ୍ତି ଏକ ଟ୍ରକ୍‌ରେ ମାଲ ଧରି ଜୟପୁର ଆସିଥିଲେ। ରାତି ବେଶି ହୋଇଯିବାରୁ ସେ ଜୟପୁର ଗାନ୍ଧୀ ଛକ ମହିନ୍ଦ୍ରା ଶୋ'ରୁମ ନିକଟରେ ଟ୍ରକ୍ ରଖି ଶୋଇଥିଲେ। ଏହି ସମୟରେ କେତେଜଣ ଦୁର୍ବୃତ୍ତ ଖଣ୍ଡା, ବନ୍ଧୁକ ଦେଖାଇ ଗାଡ଼ି ଗେଟ୍ ଖୋଲିବାକୁ କହିଥିଲେ। ଡୋର ଖୋଲିବା ପରେ ଖଣ୍ଡା ଦେଖାଇ କ୍ୟାବିନ ଉପରେ ବସି ୨ଟି ଟାୟାର, ୮ ହଜାର ଟଙ୍କା, ମୋବାଇଲ ଆଦି ଲୁଟି ନେଇଥିଲେ। ୨୧ ତାରିଖରେ ଜୟପୁର ଟାଉନ ଥାନାରେ ଅଭିଯୋଗ କରିଥିବା ଡ୍ରାଇଭର ସୌମ୍ୟ କହିଛନ୍ତି। ଜୟପୁର ଟାଉନ ଥାନାଧିକାରୀ ରମଣି ରଞ୍ଜନ ଦଳେଇ ଏ ନେଇ କୌଣସି ଅଭିଯୋଗ ହୋଇ ନ ଥିବା କହିଛନ୍ତି।

### ଦ୍ୱିତୀୟ ଦିନରେ ୨୬୨ ଛାତ୍ରୀଛାତ୍ର ଅନୁପସ୍ଥିତ

ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା

କୋରାପୁଟ,୨୫।୭ (ଅମିତାଭ ବେହେରା)

କୋରାପୁଟ ଜିଲାରେ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷାର ଦ୍ୱିତୀୟ ଦିନରେ ମୋଟ ୨୬୨ ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ଥିବା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି । ଅନୁପସ୍ଥିତ ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ଏସ୍‌ଏଚଏସ୍‌ସିରେ ୯ ଜଣ ଏବଂ ଏସ୍‌ଓଏସ୍‌ସିରେ ୨୫୩ ଜଣ ରହିଥିବା ଜଣାଯାଇଛି। ଏସ୍‌ଏଚଏସସିରେ ମୋଟ ୫୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ଆବେଦନ କରିଥିବାବେଳେ ସେଥିରୁ ୪୬ ଜଣ ପରୀକ୍ଷା ଦେଇଥିବାବେଳେ ୯ ଜଣ ଅନୁପସ୍ଥିତ ରହିଥିଲେ । ସେହିପରି ଏସ୍‌ଓଏସସି ପରୀକ୍ଷାରେ ମୋଟ ୧୧୧୨ ଜଣ ପରୀକ୍ଷା ଦେବା ପାଇଁ ଆବେଦନ କରିଥିବାବେଳେ ସେଥିରୁ ୮୫୯ ଜଣ ପରୀକ୍ଷା ଦେଇଥିବାବେଳେ ୨୫୩ ଜଣ ଅନୁପସ୍ଥିତ ରହିଥିଲେ । ସୂଚନା ଥାଉକି, ଜିଲାର ୫ଟି ନୋଡାଲ କେନ୍ଦ୍ରରେ ସପ୍ଲିମେଣ୍ଟାରି ପରୀକ୍ଷା ଚାଲିଥିବା ବିଭାଗ ପକ୍ଷରୁ ଜଣାଯାଇଛି ।

# ପ୍ଲାଷ୍ଟିକ୍ ଛାଡ଼ି ପରିବେଶ ଅନୁକୂଳ ବିକଳ୍ପ ଆପଣାଇବାକୁ ପରାମର୍ଶ

କୋରାପୁଟ,୨୫।୭(ଅମିତାଭ ବେହେରା)


ବିଶ୍ୱ ବିଦ୍ୟାଳୟ କର୍ମଚାରୀ, ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଓ ଅନ୍ୟମାନେ ସଫେଇ କରୁଛନ୍ତି।

ସାମାଜିକ ଦାୟିତ୍ୱବୋଧ ଜାଗ୍ରତ କରିବା ପାଇଁ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ ପକ୍ଷରୁ ଏକ ଏନ୍‌ଏସ୍‌ଏସ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ଏକାଡେମିକ ବ୍ଲକ୍ ପରିସରରେ ଆୟୋଜିତ ଏହି ସଫେଇ ଅଭିଯାନରେ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ, ରେଜିଷ୍ଟ୍ରାର ତଥା ଭାଷା ବିଭାଗର ଡିନ୍ ପ୍ରଫେସର ଏନ୍.ସି. ପଣ୍ଡା, ମୁଖ୍ୟ ୱାର୍ଡେନ୍ ଡ. କପିଲ ଖେମୁଣ୍ଡୁ, ଡିନ୍ ଛାତ୍ର କଲ୍ୟାଣ ଡ. ରାମେନ୍ଦ୍ର କୁମାର ପାଢ଼ୀ, ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ସଂଯୋଜକ ଡ. ଟି. ଅଞ୍ଜନେୟୁଲୁ ଯୋଗଦେଇଥିଲେ। ଏକ ସ୍ୱଚ୍ଛ ଏବଂ ସବୁଜ କ୍ୟାମ୍ପସକୁ ପ୍ରୋତ୍ସାହିତ କରିବାର ପ୍ରତିବଦ୍ଧତାକୁ କାର୍ଯ୍ୟକ୍ରମ ପ୍ରତିଫଳିତ କରୁଛି ବୋଲି କୁଳପତି କହିଥିଲେ। ଛାତ୍ରୀଛାତ୍ର ବିଭିନ୍ନ ଗୋଷ୍ଠୀରେ ବିଭକ୍ତ ହୋଇ ଗୋପବନ୍ଧୁ ଦାସ, ମହମ୍ମଦ ବାଜି ଓ ଗଙ୍ଗାଧର ମେହେରଙ୍କ ଭଳି ଐତିହାସିକ ଜନନାୟକଙ୍କ ନାମରେ ନାମିତ ହୋଇଥିଲେ। ଜଣେ ମୁଖ୍ୟଙ୍କ ସମେତ ୧୦ ଜଣ ସଦସ୍ୟଙ୍କୁ ନେଇ ଗଠିତ ପ୍ରତ୍ୟେକ ଗ୍ରୁପ୍ ଆନ୍ତରିକତାର ସହ ଅଂଶଗ୍ରହଣ କରିଥିଲେ। ଏଥିରେ ୧୫୦ ଜଣ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ। ପ୍ଲାଷ୍ଟିକ୍, ବର୍ଜ୍ୟ ବୋତଲ, ପଲିଥିନ୍ ଓ ରାପର ଭଳି ଆବର୍ଜନା ସଂଗ୍ରହ କରାଯାଇଥିଲା। କ୍ଷତିକାରକ ସାମଗ୍ରୀ ବ୍ୟବହାର କରିବା ପରିବର୍ତ୍ତେ ଛାତ୍ରୀଛାତ୍ରଙ୍କୁ ଜୁଟ୍ ବ୍ୟାଗ୍, କାଗଜ ସାମଗ୍ରୀ ଓ ବାଉଁଶ କାରିଗରି ଭଳି ପରିବେଶ ଅନୁକୂଳ ବିକଳ୍ପ ଆପଣାଇବାକୁ ପ୍ରୋତ୍ସାହିତ କରାଯାଇଥିବା ବିଶ୍ୱବିଦ୍ୟାଳୟର ଲୋକ ସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ସୂଚନା ଦେଇଛନ୍ତି।

# ଅବକାରୀ ଥାନାରେ ସଂଘବଦ୍ଧ ଆକ୍ରମଣ

## ଓଆଇସି ଓ କର୍ମଚାରୀଙ୍କୁ ଠେଲାପେଲା, ହତ୍ୟା ଧମକ

ଜୟପୁର, ୨୫।୭(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ଅଧୀନ ନୀଳାଗୁଡ଼ା ଗ୍ରାମରେ ବାରମ୍ବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଉଛି। ଆକ୍ରୋଶ ରଖି ଜୟପୁର ଅବକାରୀ ଥାନା ଉପରେ ନୀଳାଗୁଡାର ପ୍ରାୟ ୨୦ରୁ ୨୫ ଗ୍ରାମବାସୀ ଅତର୍କିତ ଆକ୍ରମଣ କରିଛନ୍ତି। ଏଥିସହ ଅବକାରୀ ଓଆଇସି ଓ କର୍ମଚାରୀଙ୍କୁ ଠେଲାପେଲା ସହ ଆକ୍ରମଣ କରାଯାଇଥିବା ନେଇ ଜୟପୁର ଅବକାରୀ ଥାନା ଓଆଇସି ନୀଳାଦ୍ରି ବିହାରୀ ମିଶ୍ର ଜୟପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ୨୪ ତାରିଖ ଅପରାହ୍ନ ୨ଟାରେ ନୀଳାଗୁଡ଼ା ଗ୍ରାମର ୨୦ରୁ ୨୫ ଜଣ ଗ୍ରାମବାସୀ ଅତର୍କିତ ଭାବେ ସଂଘବଦ୍ଧ ଆକ୍ରମଣ କରିଥିଲେ। ସେମାନେ ଗେଟ୍ ଠେଲି ପଶି ପାଟିତୁଣ୍ଡ କରିବା ସହ ଇଟା ଓ ଧାରୁଆ ପଥର ଧରି ଆକ୍ରମଣ କରିଥିଲେ। ସେମାନେ ଅବକାରୀ ଓଆଇସି ଓ କର୍ମଚାରୀଙ୍କୁ ଠେଲାପେଲା କରିଥିଲେ। ପୁଣି ନୀଳାଗୁଡ଼ାରେ ଚଢାଉ କଲେ ଜୀବନରେ ମାରିଦେବାକୁ ଧମକ ଦେଇଥିବା ନେଇ ଜୟପୁର ଅବକାରୀ ଥାନା ଓଆଇସି ମିଶ୍ର ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ଜୟପୁର ଟାଉନ ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

# ହିନ୍ଦୀ ଶିକ୍ଷଣ ନବୀକରଣ ପାଠ୍ୟକ୍ରମ ସମାରୋହ ଉଦ୍‌ଯାପିତ

ଜୟପୁର, ୨୫।୭(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁରସ୍ଥିତ ଜଗଦୀଶ ଚନ୍ଦ୍ର ନାୟକ ହାଇସ୍କୁଲରେ ଚାଲିଥିବା ହିନ୍ଦୀ ଶିକ୍ଷଣ ନବୀକରଣ ପାଠ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନ, ଆଗ୍ରା ପ୍ରାୟୋଜିତ ଭୁବନେଶ୍ୱର କେନ୍ଦ୍ର, କୋରାପୁଟ ଜିଲା ଶିକ୍ଷାଧିକାରୀଙ୍କ ତତ୍ତ୍ୱାବଧାନରେ ୧୫ ତାରିଖରୁ ଆରମ୍ଭ ହୋଇଥିବା ଏହି ସମାରୋହରେ ଜିଲାର ୭୦ ଜଣ ହିନ୍ଦୀ ଶିକ୍ଷକ ଓ ଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରିଥିଲେ। ଆଞ୍ଚଳିକ ନିର୍ଦ୍ଦେଶକ ଡ. ରଞ୍ଜନ ଦାଶ, ସମ୍ବଲପୁର ହିନ୍ଦୀ ଶିକ୍ଷଣ, ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତଥା ଭାଷାବିତ୍ ଡ. ଲକ୍ଷ୍ମୀଧର ଦାଶ ଏବଂ ହାଇଦ୍ରାବାଦ ହିନ୍ଦୀ ଶିକ୍ଷଣ ସଂସ୍ଥାନର ପ୍ରାଧ୍ୟାପକ ଡ. ଚନ୍ଦ୍ର ପ୍ରତାପ ସିଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ହିନ୍ଦୀ ଶିକ୍ଷଣ ପଦ୍ଧତି ତଥା ବ୍ୟାକରଣିକ ଉପଯୋଗ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜଗନ୍ନାଥ ଭତ୍ରା ମୁଖ୍ୟ ଅତିଥି, ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୋରାପୁଟ ହିନ୍ଦୀ ବିଭାଗ ମୁଖ୍ୟ ଡ. ଚକ୍ରଧର ପ୍ରଧାନ ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥିଭାବେ ପ୍ରଧାନ ଶିକ୍ଷକ ଉପେନ୍ଦ୍ର କୁମାର ଦୀପ ଯୋଗଦେଇଥିଲେ। ଡ.ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାକୁ ବରିଷ୍ଠ ଶିକ୍ଷକ ଭଗବାନ ସାବତ ଓ ରାଧାକାନ୍ତ ରାଉତ ପରିଚାଳନା କରିଥିଲେ। ଏହି ଅବସରରେ କୋରାପୁଟ ଜିଲାର ହିନ୍ଦୀ ଶିକ୍ଷୟିତ୍ରୀଶିକ୍ଷକଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତଲିଖିତ ପତ୍ରିକା 'ଶାବର ସଂଦେଶ' ଉନ୍ମୋଚିତ ହୋଇଥିଲା। ଏଥିରେ ରତ୍ନଗର୍ଭା କୋରାପୁଟ ଜିଲାର ଜୀବନଶୈଳୀ, ସଂସ୍କୃତି ତଥା ପ୍ରାକୃତିକ ପରିବେଶରେ ଐତିହାସିକ ପୃଷ୍ଠଭୂମି ସ୍ଥାନିତ ହୋଇଛି। ଭାଷାବିତ୍ ଭଗବାନ ସାବତଙ୍କ ସମ୍ପାଦନାରେ ପ୍ରକାଶିତ ପ୍ରାୟ ୧୫୦ ପୃଷ୍ଠା ସମ୍ବଳିତ 'ଶାବର ସଂଦେଶ'ର ପ୍ରତିଲିପି କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନ, ଆଗ୍ରା ଓ ଭୁବନେଶ୍ୱର ଶାଖାରେ ସଂରକ୍ଷିତ ରଖିବାକୁ ଦିଆଯାଇଛି। ସମାବେଶରେ ଜିଲା ହିନ୍ଦୀ ଶିକ୍ଷକ ସଂଘ ସଭାପତି ପ୍ରଦୀପ କୁମାର ଖୋସଲା ଓ ଅନ୍ୟ କର୍ମକର୍ତ୍ତାଙ୍କ ସମେତ ସମସ୍ତ ହିନ୍ଦୀ ଶିକ୍ଷୟିତ୍ରୀଶିକ୍ଷକମାନେ ଉପସ୍ଥିତ ଥିଲେ। ଅପରାହ୍ନ ୬ଟାରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରଶିକ୍ଷଣ ପ୍ରମାଣପତ୍ର ଓ ରିଲିଭ୍ ଅର୍ଡର ନେଇଥିଲେ।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

# ନାବାର୍ଡ ପକ୍ଷରୁ କୃଷକ ଉତ୍ପାଦକ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ପ୍ରଶିକ୍ଷଣ



ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ଜିଲାପାଳଙ୍କ ସହ ନାବାର୍ଡ ଅଧିକାରୀମାନେ ।

କୋରାପୁଟ,୨୫।୭(ଅମିତାଭ ବେହେରା)

କୋରାପୁଟସ୍ଥିତ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହଠାରେ କୃଷକ ଉତ୍ପାଦକ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ପ୍ରଶିକ୍ଷଣ ସହ ସଚେତନ କରାଯାଇଛି। କୋରାପୁଟ ଜିଲାପାଳ ଭି. କୀର୍ତ୍ତି ଭାସନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିବା ସହିତ ଏହାର ମୁଖ୍ୟ ଉଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଜିଲା ପ୍ରଶାସନ ଏବଂ ନାବାର୍ଡର ମିଳିତ ସହାୟତାରେ ଆୟୋଜିତ ବୈଠକରେ ମୁଖ୍ୟ ଜିଲା କୃଷି ଅଧିକାରୀ ପ୍ରଦୀପ ମହାନ୍ତି, ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦେବାଶିଷ ପଟ୍ଟନାୟକ, ଉଦ୍ୟାନ ବିଭାଗର ଉପ ନିର୍ଦ୍ଦେଶକ ସୁଦାମ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ସରକାରଙ୍କ ବିଭିନ୍ନ ବିଭାଗରେ ରହିଥିବା ବିଭିନ୍ନ ଯୋଜନା ସମ୍ପର୍କରେ କୃଷକ ଉତ୍ପାଦକ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ସଚେତନ କରାଯାଇଥିବା ନାବାର୍ଡ ଡିଡିଏମ ଦେବେନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି। କୃଷକ ଉତ୍ପାଦକ କମ୍ପାନୀଗୁଡ଼ିକୁ ବିହନ, ସାର ଏବଂ ମଣ୍ଡି ଲାଇସେନ୍ସ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

# ଭାଜପା ମଣ୍ଡଳ ସଭାପତିଙ୍କ ଅସ୍ୱାଭାବିକ ମୃତ୍ୟୁ

ବୋରିଗୁମ୍ମା, ୨୫।୭ (ବିଜୟ ସାହୁ)



ବୋରିଗୁମ୍ମା ବ୍ଲକ୍ ଅନ୍ତର୍ଗତ ସସାହାଣ୍ଡି ଭାଜପା ମଣ୍ଡଳ ସଭାପତି ଜି.ରାଜାରାଓଙ୍କ ବୁଧବାର ରାତିରେ ଅସ୍ୱାଭାବିକ ଭାବେ ମୃତ୍ୟୁ ଘଟିଛି। ଜି.ରାଜାରାଓ କୌଣସି କାମରେ ବୋରିଗୁମ୍ମାର ଜଣେ ବ୍ୟକ୍ତିଙ୍କ ଘରକୁ ଯାଇଥିଲେ। ସେଠାରେ ସେ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ବୋରିଗୁମ୍ମା ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ପରିବାର ଲୋକେ ତାଙ୍କ ମୃତ୍ୟୁକୁ ସହଜେ ଗ୍ରହଣ କରିପାରୁନାହାନ୍ତି। ମୃତକଙ୍କ ଭାଇ ଜି.ମୋହନ ଏ ନେଇ ବୋରିଗୁମ୍ମା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କେଉଁ କାରଣରୁ ତାଙ୍କ ଭାଇଙ୍କ ମୃତ୍ୟୁ ହେଲା ଘଟଣାର ଉପଯୁକ୍ତ ତଦନ୍ତ ନିମନ୍ତେ କହିଛନ୍ତି। ଅନ୍ୟପଟେ କୋରାପୁଟରୁ ସାଇଣ୍ଟିଫିକ ଟିମ୍ ପହଞ୍ଚି ତନାଘନା କରିବା ସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ସସାହାଣ୍ଡି ମଣ୍ଡଳର ବହୁ ଭାଜପା କର୍ମୀ ମେଡିକାଲ ଯାଇ ମୃତ ଜି.ରାଜାରାଓଙ୍କୁ ଶେଷ ଦର୍ଶନ କରିଥିଲେ।

# ଭାରସାମ୍ୟ ହରାଇ ନାଳରେ ପଶିଲା ଟ୍ରେଲର

ନନ୍ଦାହାଣ୍ଡି,୨୫।୭ (ପ୍ରତୀପ କୁମାର ଦାଶ)



ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଧଣ୍ଡରା ଗ୍ରାମ ନିକଟରେ ଏକ ଖାଲି ଟ୍ରେଲର ରାସ୍ତା କଡ଼ରେ ଥିବା ଛୋଟ ନାଳ ମଧ୍ୟରେ ପଶିଯାଇଛି। ଏଥିରେ କେହି ମୃତାହତ ହୋଇନାହାନ୍ତି। ସୂଚନାନୁଯାୟୀ, ଏକ ଟ୍ରେଲର (ଓଡି-୩୩ଟି-୧୧୪୯) ଗ୍ରାମ୍ୟ ଯୋଗାଣ ପାଇଁ ପାଣି ଟ୍ୟାଙ୍କ ତିଆରି ସକାଶେ ଯାଜପୁର ଜିଲାର ଟାଟା ଷ୍ଟିଲ କମ୍ପାନୀରୁ ଲୁହା ଚଦର ନେଇ ତେନ୍ତୁଳିଖୁଣ୍ଟି ବ୍ଲକ ପୂଜାରିଗୁଡ଼ା ନିକଟ ଗୋଦାମରେ ଓହ୍ଲାଇ ଫେରୁଥିଲା। ନବରଙ୍ଗପୁରରୁ ଇନ୍ଦ୍ରାବତୀ ମୁଖ୍ୟ ରାସ୍ତାରେ ଗୁରୁବାର ସକାଳେ ଧଣ୍ଡରା ନିକଟସ୍ଥ ବୁଲାଣିରେ ଷ୍ଟିଅରିଂ କାମ ନ କରିବାରୁ ଏପରି ଦୁର୍ଘଟଣା ଘଟିଥିବା ଡ୍ରାଇଭର କହିଛନ୍ତି। ଭାରସାମ୍ୟ ହରେଇବା ପରେ ବ୍ରେକ ମାରିଥିଲେ ସୁଦ୍ଧା ଗାଡ଼ି ପିଚୁ ରାସ୍ତା ଛାଡ଼ି ମାଟି ରାସ୍ତାକୁ ଚାଲିଯାଇଥିଲା। ଲଗାଣ ବର୍ଷା ଯୋଗୁ ନିୟନ୍ତ୍ରଣ ହରାଇ ନାଳ ମଧ୍ୟକୁ ଖସି ଯାଇଥିବା ଜଣାପଡ଼ିଛି। ଅନ୍ୟ ଏକ ଟ୍ରେଲର ସହାୟତାରେ ରାସ୍ତାକୁ ଆଣିବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇନାହିଁ। କେବଳ କ୍ରେନ ସାହାଯ୍ୟରେ ଟ୍ରେଲରକୁ ରାସ୍ତା ଉପରକୁ ବାହାର କରାଯାଇପାରିବ ବୋଲି ଡ୍ରାଇଭର କହିଛନ୍ତି।

# ଗଞ୍ଜେଇ ଯୋଗାଉଥିବା ଅଭିଯୋଗରେ ଜଣେ ଗିରଫ

ଜୟପୁର,୨୫।୭ (ପବନ ପାଣିଗ୍ରାହୀ)

ଗଞ୍ଜେଇ ଯୋଗାଉଥିବା ଅଭିଯୋଗରେ ଜଣେ ଯୁବକକୁ ଗିରଫ କରିଛି ଜୟପୁର ସଦର ପୋଲିସ । ସେ ହେଲେ ବୈପାରିଗୁଡା ଥାନା ବାଲିଗାଁର ଚନ୍ଦ୍ର ଗୌଡ (୩୨) । ପୋଲିସ ସୂଚନା ଅନୁଯାୟୀ, ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ପାଇ ଗତ ମାର୍ଚ୍ଚ ୨୭ ତାରିଖରେ ଚଢାଉ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ତାଙ୍କୁ ପଚରାଉଚରା ସମୟରେ ଚନ୍ଦ୍ର ଗଞ୍ଜେଇ ଯୋଗାଉଥିବା ଜଣାପଡ଼ିବା ପରେ ପୋଲିସ ତାଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଥିବା ଜୟପୁର ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

# ଉନ୍ନତ କୃଷି ଯନ୍ତ୍ରପାତି, କ୍ଷେତ୍ର ପ୍ରଦର୍ଶନ ନେଇ ପ୍ରଶିକ୍ଷଣ ଉଦ୍‌ଯାପିତ

କୋରାପୁଟ,୨୫।୭ (ଅମିତାଭ ବେହେରା)

ଉନ୍ନତ କୃଷି ଯନ୍ତ୍ରପାତି ଓ କ୍ଷେତ୍ର ପ୍ରଦର୍ଶନ ନେଇ ୨ଦିନିଆ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, କୃଷି ଯାନ୍ତ୍ରିକ ମହାବିଦ୍ୟାଳୟ , ସର୍ବଭାରତୀୟ ସଂଯୋଜିତ ଗବେଷଣା ପ୍ରକଳ୍ପ ଏବଂ ପ୍ରଗତି ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ କୋରାପୁଟ ବ୍ଲକର ମହାଦେଇପୁଟ ଗ୍ରାମରେ ଏହି ଶିବିର ଆୟୋଜିତ ହୋଇଥିଲା। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର ଅଧୀନରେ ଥିବା ପ୍ରାଣୀ ଶକ୍ତିର ସଦୁପଯୋଗ ସମ୍ବନ୍ଧୀୟ ସର୍ବଭାରତୀୟ ସଂଯୋଜିତ ଗବେଷଣା ପ୍ରକଳ୍ପର ମୁଖ୍ୟ ପ୍ରଫେସର ଅଜୟ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପଶୁ ଚାଳିତ କୃଷି ଯନ୍ତ୍ରପାତିର ବ୍ୟବହାର ବିଶେଷକରି ମୋଡ଼ପତ୍ର, ଲଙ୍ଗଳ, ବଳଦଙ୍କ ଦ୍ୱାରା ଟଣାଯାଇ କାଦୁଅ କରିବା ଯନ୍ତ୍ର, ବଳଦ ଟଣା ୫ ଧାଡ଼ିଆ ବିହନ ଓ ସାରବୁଣା ଯନ୍ତ୍ରର ବିକାଶ, ବ୍ୟବହାର , ମରାମତି ଏବଂ ଏହାର ଉପାଦେୟତା ଓ ନିୟନ୍ତ୍ରଣ ଉପରେ ଉପସ୍ଥିତ ଚାଷୀଙ୍କୁ ଅତିଥିମାନେ ବୁଝାଇଥିଲେ। ଶେଷରେ କ୍ଷେତ୍ରରେ ଏହାର କାର୍ଯ୍ୟକାରିତା ଉପରେ ପ୍ରତ୍ୟକ୍ଷ ଭାବେ ପ୍ରଶିକ୍ଷଣ ଦେବା ସହ ଏହାର ବ୍ୟବହାର ଫଳରେ କୃଷିକ୍ଷେତ୍ରରେ ଉତ୍ପାଦନ ବୃଦ୍ଧି, ସଫଳ ବ୍ୟବହାର ଉପରେ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ଶେଷରେ ଚାଷୀଙ୍କୁ ବିଭିନ୍ନ କୃଷି ଉପକରଣ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରାଣୀ ବିଜ୍ଞାନୀ ଡ଼. ପାର୍ଥ ସାରଥୀ ସ୍ୱାଇଁ , ଅଂଶୁମାନ ପଟ୍ଟନାୟକ, ପ୍ରଗତିର ଅନୁଷ୍ଠାନର ସମ୍ପାଦକ ପ୍ରଭାକର ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ସେମାନେ ମକାପୁଟ, ସେମିଳାଗୁଡା, ଷଣ୍ଢଗୁଡା, ମହାଦେଇପୁଟ ଏବଂ ବାରିଙ୍ଗିପାଲି ଆଦି ଗ୍ରାମର ଚାଷୀମାନଙ୍କୁ ପ୍ରଶିକ୍ଷଣ ଦେବା ସହ କୃଷି ଉପକରଣ ପ୍ରଦାନ କରିଥିଲେ। ପ୍ରଗତିର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶିକା ଡ. ଲୁନା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏଥିରେ ଶତାଧିକ ଚାଷୀ ଉପସ୍ଥିତ ରହି ପ୍ରଶିକ୍ଷଣ ନେଇଥିଲେ।


କୃଷି ଯନ୍ତ୍ରର ବ୍ୟବହାର ଉପରେ ଚାଷୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

# ଗଛ ଡାଳ ପଡ଼ି ଭାଙ୍ଗିଲା ଜଳଖିଆ ଦୋକାନ, ଓକିଲ ଆହତ


ଅଗ୍ନିଶମ କର୍ମଚାରୀମାନେ ଗଛ କାଟି ସଫା କରୁଛନ୍ତି।

କୋରାପୁଟ,୨୫।୭ (ଅମିତାଭ ବେହେରା)

କୋରାପୁଟ ପୌର ପରିଷଦ ସାମ୍ନା ଜିଲାପାଳ କାର୍ଯ୍ୟାଳୟ ରାସ୍ତାରେ ଏକ ଗଛ ପଡି ଜଣେ ଆହତ ହେବା ସହ ଗୋଟିଏ ଦୋକାନ ଘର ନଷ୍ଟ ହୋଇଯାଇଛି। ଗୁରୁବାର ମଧ୍ୟାହ୍ନ ପ୍ରାୟ ୧୨ ବେଳେ କୋର୍ଟ କାର୍ଯ୍ୟ ଚାଲୁ ରହିଥିବା ବେଳେ ହଠାତ୍ ଏକ ପୁରୁଣା ବରଗଛର ବିରାଟ ଡାଳ ଭାଙ୍ଗିପଡିଥିଲା। ଫଳରେ ଗଛ ତଳେ ଥିବା ଏକ ଜଳଖିଆ ଦୋକାନ ଭାଙ୍ଗି ନଷ୍ଟ ହୋଇଯାଇଛି। ଏଥିସହ କୋର୍ଟକୁ ଯାଉଥିବା ଓକିଲ ସୁଦର୍ଶନ ମାଝିଙ୍କ ମୁଣ୍ଡ ଫାଟିଯିବା ସହ ହାତରେ ଆଘାତ ଲାଗିଛି। ଖବରପାଇ କୋରାପୁଟ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗଛ ଡାଳ କାଟି ସଫା କରିଥିଲେ। ସୂଚନା ଥାଉକି ଏହା ଏକ ବ୍ୟସ୍ତ ବହୁଳ ଅଞ୍ଚଳ। ଏଠାରେ ଜିଲାପାଳ ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସହ ଜିଲା ଅଦାଲତ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ ରହିଛି। ଏଠାରେ ଥିବା ବହୁ ପୁରୁଣା ଓ ବଡ଼ବଡ଼ ଗଛ ଡାଳକୁ ପୌର ପ୍ରଶାସନ କାଟୁ ନ ଥିବାରୁ ଏପରି ଅଘଟଣ ଘୁଟୁଥିବା ଅଭିଯୋଗ ହୋଇଛି। ଏଥିପ୍ରତି ପୌର ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଗୁହାଳ ଉପରେ ପଡ଼ିଲା ଆମ୍ବଗଛ, ମଇଁଷି ମୃତ

ଦଶମନ୍ତପୁର, (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ନନ୍ଦିଗାଁ ପଞ୍ଚାୟତ ଅଧୀନ ଡଡ଼କାଗୁଡ଼ା ଗାଁର ସଦା ଗୌଡ଼ଙ୍କ ଘର ଉପରେ ଏକ ବିରାଟ ଆମ୍ବଗଛ ପଡ଼ିଯାଇଛି। ସଦାଙ୍କ ପରିବାର ଲୋକେ ଅଳ୍ପକେ ବର୍ତ୍ତିଯାଇଥିବାବେଳେ ନିକଟସ୍ଥ ଗୁହାଳରେ ଥିବା ଏକ ମଇଁଷିର ମୃତ୍ୟୁ ହୋଇଥିବା ଜଣାପଡିଛି। ବୁଧବାର ବିଳମ୍ବିତ ରାତିରେ ଘରେ ସମସ୍ତେ ଶୋଇଥିବାବେଳେ ହଠାତ୍ ଗଛ ପଡ଼ିବା ଶବ୍ଦ ଶୁଣିବା ମାତ୍ରେ ସଦା, ତାଙ୍କ ସ୍ତ୍ରୀ ପିଲାଙ୍କୁ ଧରି ବାହାରକୁ ଦୌଡ଼ି ପଳାଇଥିଲେ। କିନ୍ତୁ ଗୁହାଳରେ ବନ୍ଧାହୋଇଥିବା ମଇଁଷିର ମୃତ୍ୟୁ ହୋଇଥିବା ସଦା କହିଛନ୍ତି। ଏ ନେଇ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ସେମାନେ ପହଞ୍ଚି ଘର ଉପରେ ପଡ଼ିଥିବା ଗଛ କାଟିଥିଲେ। ସେହିପରି ଉକ୍ତ ପଞ୍ଚାୟତସ୍ଥିତ ତୋଟାଗୁଡ଼ା ଗ୍ରାମର ଦଶରୀ ମୁଦୁଲି, ଭେଜିପୁଟ ଗାଁର ବାସନ୍ତୀ ଖରା ଏବଂ ଖୋରାଗୁଡ଼ା ଗାଁର ପୂର୍ଣ୍ଣ ଗୌଡ଼ଙ୍କ ଘର କାନ୍ଥ ଲଘୁଚାପଜନିତ ଲଗାଣ ବର୍ଷାରେ ଭୁଶୁଡ଼ି ପଡ଼ିଛି। ପ୍ରତ୍ୟେକ ପରିବାରର ଘର ଅନୁଧ୍ୟାନକରି ପ୍ରତ୍ୟେକଙ୍କୁ ଜରୁରିକାଳୀନ ସହାୟତାଭାବେ ପଲିଥିନ ପ୍ରଦାନ କରାଯାଇଥିବା ଅତିରିକ୍ତ ତହସିଲଦାର ଜଗୁ ପୂଜାରୀ କହିଛନ୍ତି।



